بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ: କମୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 14-15

ବାର୍ଷିକ ଦେୟ : 600/-

04-11 ଶୱାଲ୍ 1446 ହି.କ, 03-10 ଶାହାଦତ୍ 1404 ହି.ଶ, 03-10 April 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

اَیَّامًا مَّعۡدُوۡدٰتٍ ؕ فَمَنۡ کَانَ مِنۡکُمۡ مَّرِیۡضًا اَوۡ عَلٰی سَفَرٍ فَعِدَّۃٌ مِّنۡ اَیَّامٍ اُخَرَ ○

**(ଅଲ୍ ବକ୍ରାହ୍: 185)**

ଅନୁବାଦ: (ସୁତରାଂ ତୁମେମାନେ ରୋଜା ରଖ) କେତେକ ନିର୍ଦ୍ଦିଷ୍ଟ ଦିନରେ ଏବଂ ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ରୋଗରେ ପୀଡ଼ିତ ଥାଏ ବା ଯାତ୍ରା କରୁଥାଏ ତେବେ ତାହାକୁ ଅନ୍ୟଦିନମାନଙ୍କରେ ସେହି ନିର୍ଦ୍ଦିଷ୍ଟ ସଂଖ୍ୟା ପୂରଣ କରିବାକୁ ହେବ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

**ପବିତ୍ର ଏବଂ କଲ୍ୟାଣମୟ ରମଜାନ ମାସର ମାହାତ୍ମ୍ୟ**

*ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଯେତେବେଳେ ରମ୍‌ଜାନ ମାସ ଆସେ ସେତେବେଳେ ବୈକୁଣ୍ଠ ପୁରର ଦ୍ୱାର ଉନ୍ମୁକ୍ତ ଅର୍ଥାତ୍ ଖୋଲି ଦିଆଯାଇଥାଏ ।

* ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ଯେତେବେଳେ ରମଜାନ୍ ମାସ ଆସେ ସେତେବେଳେ ଆକାଶର (ସ୍ୱର୍ଗପୁରର) ଦ୍ୱାର ଉନ୍ମୁକ୍ତ କରାଯାଇଥାଏ ଏବଂ ନର୍କର ଦ୍ୱାର ରୁଦ୍ଧ (ବନ୍ଦ) କରି ଦିଆଯାଇଥାଏ ଓ ସୈତାନ୍‌ମାନଙ୍କୁ କବଳିତ କରି ଦିଆଯାଇଥାଏ ।

* ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ: ଯେକେହି ଲୈଲତୁଲ୍ କଦର୍‌ର ପବିତ୍ର ରାତ୍ରରେ ବିଶ୍ୱାସପୂର୍ବକ ଏବଂ ପୁଣ୍ୟ ପ୍ରାପ୍ତି ଉଦ୍ଦେଶ୍ୟର ସହିତ (ପ୍ରଭୁଙ୍କ) ଉପାସନାରେ ଦଣ୍ଡାୟମାନ (ଛିଡ଼ା ହୋଇ ନମାଜ ପାଠ କଲା) ହେଲା ଅର୍ଥାତ୍ ପ୍ରଭୁଙ୍କ ଉପାସନା ଏବଂ ଆରାଧନା କଲା ତେବେ ସେହି ବ୍ୟକ୍ତିର ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ସମସ୍ତ ପାପକୁ କ୍ଷମା କରିଦିଆଯିବ। ସେହିପରି ଯେକେହି ରମ୍‌ଜାନ ମାସର ରୋଜା (ୱ୍ରତ) ବିଶ୍ୱାସପୂର୍ବକ ଅନ୍ତର୍ନିହିତ ଉଦ୍ଦେଶ୍ୟର ସହିତ ରଖିବ ତେବେ ସେହି ବ୍ୟକ୍ତିର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମସ୍ତ ପାପକୁ କ୍ଷମା କରି ଦିଆଯିବ । **(ସହି ବୁଖାରୀ, ଭାଗ-3, କିତାବୁସ୍ ସୌମ୍, ପ୍ରକାଶନ ସ୍ଥାନ-କାଦିୟାନ୍, 2008 ମସିହା)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**شَہۡرُ رَمَضَانَ الَّذِیۡۤ اُنۡزِلَ فِیۡہِ الۡقُرۡاٰنُ ର ଆୟତରୁ ରମଜାନ ମାସର ମାହାତ୍ମ୍ୟ ସଂପର୍କରେ ଜ୍ଞାତ ହୁଏ । ସାଧୁ ସନ୍ଥମାନେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ମାସ ହେଉଛି ହୃଦୟକୁ ଆଲୋକିତ କରିବାର ସର୍ବୋତ୍କୃଷ୍ଟ ମାସ, ଉକ୍ତ ମାସରେ ବହୁଳ ସଂଖ୍ୟାରେ ସତ୍ୟ ସ୍ୱପ୍ନ ଦର୍ଶନ କରିବାକୁ ସୁଯୋଗ ପ୍ରାପ୍ତ ହୋଇଥାଏ । ନମାଜ୍ ଆତ୍ମାକୁ ଶୁଦ୍ଧ ଏବଂ ପବିତ୍ର କରିଥାଏ ଓ ରୋଜା (ୱ୍ରତ)ହୃଦୟକୁ ଆଲୋକିତ କରିଥାଏ।**

ମଗରିବ୍ ନମାଜର କିଛି ସମୟ ପୂର୍ବରୁ ରମ୍‌ଜାନ ମାସର ଚନ୍ଦ୍ର ଦୃଶ୍ୟମାନ ହେଲା। ହୁଜୁର ସ.ଅ ମଗରିବ୍ ନମାଜ ପାଠ କରି ସାରି ମସ୍‌ଜିଦେ ସକଫ୍ ଠାରେ ଚନ୍ଦ୍ର ଦର୍ଶନ ନିମନ୍ତେ ଗମନ କଲେ ଏବଂ ଚନ୍ଦ୍ର ଦେଖିବା ପରେ ପୁନଃ ଆପଣ ସ.ଅ ମସ୍‌ଜିଦ୍ ଫେରି ଆସିଲେ । ହୁଜୁର ସ.ଅ କହିଲେ, ବିଗତ ବର୍ଷର ରମ୍‌ଜାନ୍ ମାସ ଏପରି ପ୍ରତିତ ହେଲା ଯେପରିକି କାଲି ଶେଷ ହୋଇଥିଲା । شَہۡرُ رَمَضَانَ الَّذِیۡۤ اُنۡزِلَ فِیۡہِ الۡقُرۡاٰنُ ରୁ ରମ୍‌ଜାନ୍ ମାସର ମହତ୍ତ୍ୱ ସଂପର୍କରେ ଜ୍ଞାତ ହୁଏ ।

ସାଧୁ ସନ୍ଥମାନେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ମାସ ହେଉଛି ହୃଦୟକୁ ଆଲୋକିତ କରିବାର ସର୍ବୋତ୍କୃଷ୍ଟ ମାସ, ଉକ୍ତ ମାସରେ ବହୁଳ ସଂଖ୍ୟାରେ ସତ୍ୟ ସ୍ୱପ୍ନ ଦେଖିବାକୁ ମିଳିଥାଏ। ନମାଜ ଆତ୍ମାକୁ ଶୁଦ୍ଧ କରିଥାଏ ଏବଂ ରୋଜା (ୱ୍ରତ) ଆତ୍ମାକୁଆଲୋକିତ କରିଥାଏ। ଆତ୍ମାକୁ ପବିତ୍ର କରିବାରୁ ଯଥାର୍ଥ କୁକର୍ମ କରିବା ପ୍ରତି ପ୍ରବର୍ତ୍ତାଉଥିବା ମନୁଷ୍ୟର ମନ ଯୌନ ପ୍ରବୃତ୍ତି ଠାରୁ ସଂପୂର୍ଣ୍ଣ ରୂପେ ଦୂରେଇ ଯାଉ। ସେହିପରି ହୃଦୟର ଆଲୋକିତ ହେବାରୁ ଯଥାର୍ଥ ଏହିକି ଯେ, ସ୍ୱପ୍ନ (ପ୍ରଭୁଙ୍କ ତରଫରୁ ସତ୍ୟ ସ୍ୱପ୍ନ)ର ଦ୍ୱାର ରୋଜାଦାର ବ୍ୟକ୍ତି ନିମନ୍ତେ ଉନ୍ମୁକ୍ତ ହୋଇଥାଏ । କାରଣ ରୋଜାଦାର ଭକ୍ତ ଈଶ୍ୱରଙ୍କୁ ଦେଖିନେଉ । ଅତଏବ୍ اُنۡزِلَ فِیۡہِ الۡقُرۡاٰنُ ରେ ଏହା ହିଁ ଇଙ୍ଗିତ ରହିଛି । ଅତଏବ୍ ତହିଁରେ କୌଣସି ସଂଶୟ (ସନ୍ଦେହ) ନାହିଁ ଯେ, ରୋଜା ହେଉଛି ମହା ପ୍ରତିଫଳ। କିନ୍ତୁ ରୋଗବ୍ୟାଧି ଏବଂ ସ୍ୱାର୍ଥ ମନୁଷ୍ୟକୁ ରୋଜା ରଖିବାରୁ ବଞ୍ଚିତ କରିଦେଇ ଥାଆନ୍ତି ।

ମୋର ମନେଅଛି ଯେ, ଯୁବକ ଦିନମାନଙ୍କରେ ମୁଁ ଏକଦା ସ୍ୱପ୍ନରେ ଦେଖିଲି ଯେ, ରୋଜା ରଖିବା ସୁନ୍ନତେ ଏହଲେ ବୈଅତ୍ (ଆଁହଜରତ ସ.ଅଙ୍କ ପରିବାରର ପରମ୍ପରା ଅଟେ)। ସୁତରାଂ ଈଶ୍ୱରଙ୍କ ବାର୍ତ୍ତାବହ ହ. ମୁହମ୍ମଦ୍ ସ.ଅ ମୋ ସପକ୍ଷରେ କହିଲେ, سَلۡمَانُ مِنَّا اَہۡلَ الۡبَیۡتِ । ସଲ୍‌ମାନ୍ ଅର୍ଥାତ୍ اَلصُّلۡحَانِ ଉକ୍ତ ବ୍ୟକ୍ତି ହସ୍ତ ଦ୍ୱାରା 2ଟି ସନ୍ଧି ହେବ । 1- ଆଭ୍ୟନ୍ତରୀଣ ସନ୍ଧି ଓ 2- ବାହ୍ୟ ସନ୍ଧି । ଉକ୍ତ ବ୍ୟକ୍ତି ନିଜର କାର୍ଯ୍ୟକୁ ଅତ୍ୟନ୍ତ ଧୈର୍ଯ୍ୟପୂର୍ବକ ଓ ବିନମ୍ରତାର ସହିତ ସମ୍ପାଦନ କରିବ। ଉକ୍ତ ବ୍ୟକ୍ତି ନିଜର କାର୍ଯ୍ୟକୁ ଖଡ଼୍ଗ ଦ୍ୱାରା ସମ୍ପାଦନ କରିବ ନାହିଁ । ମୁଁ ଯେତେବେଳେ ହୁସୈନ୍‌ଙ୍କ ଜଳ ସ୍ଥାନ ନିକଟରେ ନାହିଁ ଯିଏ ଯୁଦ୍ଧ କଲା । ବରଂ ମୁଁ ହୁସୈନ୍‌ଙ୍କ ଜଳ ସ୍ଥଳୀ (ଜଳକୁଣ୍ଡ) ଠାରେ ଅଛି ଯିଏ ଯୁଦ୍ଧ କଲା ନାହିଁ ତେବେ ମୁଁ ଏହା ମନେକଲି ଯେ, ଏହା ରୋଜା ଆଡ଼କୁ ଇଙ୍ଗିତ ଅଟେ (ଏଠାରେ ଜଳର ଯେଉଁ ସ୍ଥାନ ରହିଛି ତହିଁରୁ ଧର୍ମମତ ମଧ୍ୟ ଯଥାର୍ଥ ହୋଇପାରେ)। ଉକ୍ତ ଅବଧି ମଧ୍ୟରେ ମୁଁ ଦେଖିଲି ଯେ, ଆଲୋକର ଖମ୍ବଗୁଡ଼ିକ ଆକାଶମୁଁହା ହୋଇ ଚାଲିଛନ୍ତି। ଉକ୍ତ ପ୍ରସଙ୍ଗଟି ସନ୍ଦେହାସ୍ପଦ ଯେ, ଆଲୋକର ଖମ୍ବଗୁଡ଼ିକ ଭୂପୃଷ୍ଠରୁ ଆକାଶ ଅଭିମୁଖେ ଯାଉଥିଲେ ନା ମୋ ହୃଦୟରୁ ଯାଉଥିଲେ। କିନ୍ତୁ ଏହି ସମସ୍ତ ପ୍ରସଙ୍ଗ ଯୁବାବସ୍ଥାରେ ହେବା ସମ୍ଭବପର ଥିଲା। ମୁଁ ଯଦି ଯୁବକାବସ୍ଥାରେ ଚାହିଁ ଥାଆନ୍ତି ତେବେ ମୁଁ 4 ବର୍ଷ ପର୍ଯ୍ୟନ୍ତ ରୋଜା ରଖିପାରି ଥାଆନ୍ତି । **(ମଲ୍‌ଫୁଜାତ୍, ଭାଗ-3, ପୃ-424, ସଂସ୍କରଣ ବର୍ଷ-2018 ମସିହା, କାଦିଆନ୍)**

☆--☆--☆

**ରୋଜାର ଏକ ଆଧ୍ୟାତ୍ମିକ ଲାଭ ମଧ୍ୟ ରହିଛି । ଅର୍ଥାତ୍ ଈଶ୍ୱରଙ୍କ ସହିତ ମନୁଷ୍ୟର ସର୍ବୋଚ୍ଚ ସାକ୍ଷାତ୍ ହୋଇଯାଇଥାଏ ଏବଂ ଈଶ୍ୱର ସ୍ୱୟଂ ମନୁଷ୍ୟ (ଭକ୍ତ ଅର୍ଥାତ୍ ରୋଜାଦାରର) ରକ୍ଷକ ହୋଇଯାଇଥାଆନ୍ତି ।**

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ରୋଜାର ଏକ ଆଧ୍ୟାତ୍ମିକ ଲାଭ ମଧ୍ୟ ରହିଛି । ତାହା ଏହିକି ଯେ, ରୋଜା ରଖିବା ଦ୍ୱାରା ମନୁଷ୍ୟ ଈଶ୍ୱରଙ୍କ ସାନ୍ନିଧ ପ୍ରାପ୍ତ କରି ନେଇଥାଏ। ଈଶ୍ୱରଙ୍କ ଏକ ବିଶେଷତ୍ୱ ହେଲା ଈଶ୍ୱର ନିଦ୍ରାରୁ ପବିତ୍ର ଅଟନ୍ତି। ଅର୍ଥାତ୍ ଈଶ୍ୱରଙ୍କୁ ନିଦ୍ରା (ନିଦ) ଆସେ ନାହିଁ। ମନୁଷ୍ୟ ପକ୍ଷେ ଏହା ସମ୍ଭବ ନୁହେଁ ଯେ, ସେ ନିଦ୍ରାକୁ ପରିତ୍ୟାଗ କରିଦେବ। କିନ୍ତୁ ମନୁଷ୍ୟ ରୋଜା ସକାଶେ ନିଜ ନିଦ୍ରା (ନିଦ)ର ଏକ ଭାଗ ଈଶ୍ୱରଙ୍କ ନିମନ୍ତେ ଅବଶ୍ୟ ବଳିଦାନ ଦେଇଥାଏ। ସେହରୀ (ରୋଜା ରଖିବା ପୂର୍ବରୁ ଏବଂ ସକାଳ ନମାଜ ପୂର୍ବରୁ ରୋଜାଦାର ଯେଉଁ ଆହାର ଗ୍ରହଣ କରିଥାଏ ତାହାକୁ ସେହରୀ କୁହନ୍ତି) ଅର୍ଥାତ୍ ଆହାର ନିମନ୍ତେ ନିଦରୁ ଉଠିଥାଏ ଏବଂ ନମାଜ୍ ତେହଜ୍ଜୁଦ୍ ପାଠ କରିଥାଏ । ଯେଉଁ ମହିଳାମାନେ ରୋଜା ରଖନ୍ତି ନାହିଁ ସେମାନେ ମଧ୍ୟ ସେହରୀର ବ୍ୟବସ୍ଥା ବା ସେହରୀ ଆୟୋଜନ ନିମନ୍ତେ ନିଦରୁ ଉଠି ଥାଆନ୍ତି । ତେଣୁ ଉକ୍ତ ସମୟରେ କିଛି ସମୟ ଦୁଆ (ପ୍ରାର୍ଥନା)ରେ ତ' ଆଉ କିଛି ସମୟ ନମାଜରେ ଅତିବାହିତ କରିବାକୁ ପଡ଼ିଥାଏ । ଏହିପରି ଭାବରେ ରାତ୍ରରେ ଅନେକ

ଭାଗ ଶୋଇବା ନିମନ୍ତେ ଅବଶିଷ୍ଟ ରହି ଯାଇଥାଏ । କାମ ଦାମ କଳାବାଲା ଲୋକମାନଙ୍କ ନିମନ୍ତେ ତ' ଗ୍ରୀଷ୍ମ ଋତୁରେ ଦୁଇ ତିନି ଘଣ୍ଟା ନିଦ ନିମନ୍ତେ ଅବଶିଷ୍ଟ ରହି ଯାଇଥାଏ । ସେହିପରି ମନୁଷ୍ୟ ଅଲ୍ଲାଃତାଲାଙ୍କ ପରି ଏକ ସାଦୃଶ୍ୟତା ସୃଷ୍ଟି କରି ନେଇଥାଏ । ଯେପରି ଅଲ୍ଲାଃତାଲା ଆହାର ଏବଂ ଖାଦ୍ୟ ପେୟ ଠାରୁ ପବିତ୍ର ଅଟନ୍ତି । ଠିକ୍ ସେହିପରି ବିଶେଷତା ମନୁଷ୍ୟ ରମଜାନ ମାସରେ ନିଜ ମଧ୍ୟରେ ସୃଷ୍ଟି କରିଥାଏ । ଯଦିଓ ମନୁଷ୍ୟ ସଂପୂର୍ଣ୍ଣ ରୂପେ ଆହାରକୁ ପରିତ୍ୟାଗ କରିପାରିବ ନାହିଁ। କିନ୍ତୁ ତଥାପି ରମଜାନ ମାସରେ ବ୍ୟକ୍ତି ଅଲ୍ଲାଃତାଲାଙ୍କ ସହିତ ଏକ ପ୍ରକାରର ସାମଞ୍ଜସ୍ୟତା ଓ ସାଦୃଶ୍ୟତା ସୃଷ୍ଟ କରି ନେଇଥାଏ । ପୁନଶ୍ଚ ଅଲ୍ଲାଃତାଲାଙ୍କ ଠାରୁ ଯେଭଳି ପୁଣ୍ୟ ପ୍ରକାଶିତ ହୋଇଥାଏ ଠିକ୍ ସେହିପରି ମନୁଷ୍ୟକୁ ମଧ୍ୟ ରୋଜାରେ ଏକ ପ୍ରକାରର ବିଶେଷ ପୁଣ୍ୟ (କର୍ମ) ସମ୍ପାଦନ କରିବାକୁ ଆଦେଶ ଦିଆଯାଇଛି । ରସୁଲ୍ କରୀମ୍ ସ.ଅ କହିଛନ୍ତି ଯେ, ଯେଉଁ ବ୍ୟକ୍ତି ଚୁଗୁଲି ଏବଂ ଅନ୍ୟ ବ୍ୟକ୍ତିର ଅନୁପସ୍ଥିତିର ତା'ର ନିନ୍ଦା ଇତ୍ୟାଦି ମନ୍ଦ କଥାରୁ ବର୍ତ୍ତିବାକୁ ଚେଷ୍ଟା କରେ ନାହିଁ, ସେହି ବ୍ୟକ୍ତିର ରୋଜା ଗ୍ରହଣୀୟ ହୋଇ ନଥାଏ ।"

ଅର୍ଥାତ୍ ବିଶ୍ୱାସକାରୀ ବ୍ୟକ୍ତି ମଧ୍ୟ ଏହି ପ୍ରୟାସ କରିଥାଏ ଯେ, ତା' ଦ୍ୱାରା କେବଳ ଓ କେବଳ ପୁଣ୍ୟ କର୍ମ ହିଁ ସମ୍ପାଦିତ ଓ ପ୍ରକଟିତ ହେଉ । ବିଶ୍ୱାସକାରୀ ଚୁଗୁଲି ଏବଂ କଳହ ଠାରୁ ବର୍ତ୍ତିବାକୁ ପ୍ରୟାସ କରିଥାଏ । ଏହିପରି ଭାବରେ ବିଶ୍ୱାସକାରୀ ଯଥାସମ୍ଭବ ଈଶ୍ୱରଙ୍କ ସହିତ ସାମଞ୍ଜସ୍ୟତା ସୃଷ୍ଟି କରିନେଇଥାଏ । ଏକଥା ସ୍ୱଷ୍ଟ ଓ ପ୍ରକାଶ୍ୟ ଯେ, ପ୍ରତ୍ୟେକ ବସ୍ତୁ ନିଜର ସାଦୃଶ୍ୟ ଆଡ଼କୁ ଆକର୍ଷିତ ହୋଇଥାଏ । ସୁତରାଂ ଫାର୍ସିରେ ଏକ ପ୍ରବାଦ ରହିଛି ଯେ,

"کند ہم جنس باہم جنس پرواز"

ପ୍ରତ୍ୟେକ ବସ୍ତୁ ନିଜର ସାଦୃଶ୍ୟ ବସ୍ତୁ ଆଡ଼କୁ ଆକର୍ଷିତ ହୋଇଥାଏ । ଅତଏବ୍ ରୋଜା (ଓଷା)ର ଏକ ଆଧ୍ୟାତ୍ମିକ ଲାଭ ମଧ୍ୟ ରହିଛି । ତାହା ଏହିକି ଯେ, ଈଶ୍ୱରଙ୍କ ସହିତ ମନୁଷ୍ୟର ସର୍ବୋଚ୍ଚ ସ୍ତରୀୟ ସଂପର୍କ ଗଢି ଉଠିଥାଏ ଏବଂ ମନୁଷ୍ୟକୁ ସର୍ବୋଚ୍ଚ ସ୍ତରୀୟ ଐଶ୍ୱରୀକ ସାନ୍ନିଧ ପ୍ରାପ୍ତ ହୋଇଥାଏ । ସୁତରାଂ ଈଶ୍ୱର ସ୍ୱୟଂ ମନୁଷ୍ୟ (ଭକ୍ତ ବା ରୋଜା ରଖୁଥିବା ବ୍ୟକ୍ତିର) ରକ୍ଷକ ହୋଇ ଯାଆନ୍ତି । **(ତଫସିର୍ କବିର୍, ଭାଗ-3, ପୃ-378, ପ୍ରକାଶନ ସ୍ଥାନ-2010 ମସିହା, କାଦିୟାନ୍)**

☆--☆--☆

**ବିଗତ ସଂଖ୍ୟା-13 ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମା 17-1-2025ର ଅବଶିଷ୍ଟାଂଶ....**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରିବି ଏବଂ ନମାଜ୍ ଜୁମା ପରେ ମୁଁ ଏହି ମୃତମାନଙ୍କର ନମାଜ ଯନାଜାଃ ପାଠ କରିବି । ପ୍ରଥମ ଯେଉଁ ମୃତକ ବ୍ୟକ୍ତିଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ଶେଖ୍ ମୁବାରକ ଅହେମଦ ସାହେବ । ଶେଖ୍ ମୁବାରକ ଅହେମଦ ସାହେବ ରବ୍‌ୱା ସ୍ଥିତ ସଦର୍ ଅଞ୍ଜୁମନ୍ ଅହେମଦିୟା କାର୍ଯ୍ୟାଳୟର ନାଜିର ଦିୱାନ୍ ଥିଲେ । 11 ଜାନୁୟାରୀ ଦିନ 77 ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ । اِنَّا لِلّٰهِ وَاِنَّا اِلَيْهِ رَاجِعُوْنَ । ସ୍ୱର୍ଗତ ଶେଖ୍ ମୁବାରକ୍ ଅହମଦ ସାହେବ ଓସିୟତ୍ କରିଥିଲେ । ଆପଣ ଆଜନ୍ମ ଅହମଦି ଥିଲେ ଏବଂ ଆପଣଙ୍କ ଦଦା ଶେଖ୍ ମୁହମ୍ମଦ ଦିନ୍ ସାହେବ 1938 ମସିହାରେ ବୈଅତ୍ କରିଥିଲେ । କନ୍ଥା ନଙ୍ଗଲ, ତହସିଲ୍-ବଟାଲା, ଜିଲ୍ଲା-ଗୁରଦାସପୁରର ଆପଣ ଅଧିବାସୀ ଥିଲେ । ଶେଖ ମୁବାରକ୍ ଅହେମଦ ସାହେବ ବି.ଏ, ବି.ଇଡ଼ି ଶିକ୍ଷା ପ୍ରାପ୍ତ କରିବା ପରେ 1966 ମସିହାରୁ 1981 ମସିହା ପର୍ଯ୍ୟନ୍ତ ପ୍ରାୟ 15 ବର୍ଷ ପର୍ଯ୍ୟନ୍ତ ତାଲିମୁଲ୍ ଇସଲାମ୍ ହାଇସ୍କୁଲ ଠାରେ ଆପଣ ଜଣେ ଶିକ୍ଷକ ଭାବରେ ସେବା କରିଥିଲେ ।

ଏତଦପରେ 1973 ମସିହାରେ ବିଦ୍ୟାଳୟ ଜାତୀୟକରଣ ହୋଇ ଯାଇଥିଲା ସେତେବେଳେ ଆପଣ ଅନ୍ୟ ବିଦ୍ୟାଳୟମାନଙ୍କରେ ମଧ୍ୟ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ଆପଣ ଶିକ୍ଷକତ୍ୱ ଦାୟିତ୍ୱ ତୁଲାଇଥିଲେ । ଏହି ହିସାବରେ ଆପଣ ଦୀର୍ଘ 40 ବର୍ଷ ପର୍ଯ୍ୟନ୍ତ ଜମାଅତ୍‌ର ସେବା କରିଥିଲେ । ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ସେବାରେ ଆପଣ ନିଜକୁ ଉତ୍ସର୍ଗ କରିଥିଲେ । 1982 ମସିହାରେ ତାଙ୍କର ୱକ୍‌ଫକୁ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ସ୍ୱୀକାର କରିନେଲେ । ପୁନଶ୍ଚ 1982 ମସିହାରେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଶତବାର୍ଷିକ ସୁବର୍ଣ୍ଣ ଜୟନ୍ତୀ ଅବସରରେ ଆପଣ (ଶେଖ୍ ମୁବାରକ୍ ଅହେମଦ ସାହେବ)ଙ୍କୁ ନାଏବ୍ ୱକିଲୁଲ୍ ମାଲ୍ ରୂପେ ନିଯୁକ୍ତ କରିଥିଲେ । ପୁନଶ୍ଚ ଏତଦ୍‌ପରେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଆପଣଙ୍କୁ ନାଏବ୍ ୱକିଲୁଲ୍ ମାଲ୍ ରୂପେ ମଧ୍ୟ ନିଯୁକ୍ତ କରିଥିଲେ । ଏତଦ୍‌ପରେ ଆପଣ ଅତିରିକ୍ତ ନାଜିର୍ ବୈତୁଲ୍ ମାଲ୍ ସଦର୍ ଅଞ୍ଜୁମନ ଅହେମଦିୟା ଭାବରେ ସେବା କରିବାକୁ ମଧ୍ୟ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ପୁନଶ୍ଚ ଆପଣ ନାଜିର୍ ବୈତୁଲ୍ ମାଲ୍ ଭାବରେ ସେବା କରିଥିଲେ । ପୁନଶ୍ଚ ଏତଦ୍‌ପରେ ଆପଣ ନାଜିର୍ ଦିୱାନ୍ ରୂପେ, ନାଜିର୍ ରିସ୍ତାନାତା ରୂପେ ଦୀର୍ଘ କାଳ ପର୍ଯ୍ୟନ୍ତ ଜମାଅତ୍‌ର ସେବା ସମ୍ପାଦନ କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ଏହିପରି ଭାବରେ ଆପଣ ଅଧୀନସ୍ତ ଗୋଷ୍ଠୀମାନଙ୍କରେ, ଅନସାରୁଲ୍ଲାଃର ବିଭିନ୍ନ ପଦ ପଦବୀରେ କାଏଦ୍ ଏବଂ ଖୁଦ୍ଦାମୁଲ୍ ଅହେମଦିୟାର ମୁହ୍‌ତମିମ୍ ଭାବରେ ଦାୟିତ୍ୱ ତୁଲାଇଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଶେଖ୍ ମୁବାରକ୍ ଅହେମଦ ସାହେବଙ୍କ ଭଣଜା ତଥା ଜ୍ୱାଇଁ ହସ୍ସାନ୍ ମେହ୍‌ମୁଦ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି। ସେ କୁହନ୍ତି ଯେ, ଆପଣ ସର୍ବଦା ମୋତେ ଏହା କହୁଥିଲେ ଯେ, "ପୁଅ ହସ୍ସାନ୍ ! ଖିଲାଫତ୍ ସହିତ ନିଷ୍ଠାପୂର୍ଣ୍ଣ ସଂପର୍କ ରଖିବା ଏବଂ ଆର୍ଥିକ ପ୍ରସଙ୍ଗରେ କେବେ ବି ତୁମେ ହସ୍ତକ୍ଷେପ କରିବ ନାହିଁ। ଆପଣ ମୁବଲ୍ଲିଗିନ୍‌ମାନଙ୍କୁ ସର୍ବଦା ଏହି ଉପଦେଶ ଦେଉଥିଲେ। ସ୍ୱର୍ଗତ ଶ୍ୱଶୁର ମହୋଦୟ ସର୍ବଦା ନମାଜ ପାଠ କରିବାର ବିଶେଷ ବ୍ୟବସ୍ଥା କରୁଥିଲେ। ଶେଷ ଜୀବନ ପର୍ଯ୍ୟନ୍ତ ମସ୍‌ଜିଦ୍ ଯାଇ ନମାଜ ପାଠ କରିବା ନିମନ୍ତେ ଉଦ୍ୟମ କରୁଥିଲେ । ଆପଣ ସର୍ବଦା ଜମାତୀୟ ଏବଂ ବ୍ୟକ୍ତିଗତ ସଭା ସମିତିମାନଙ୍କରେ ଖିଲାଫତ୍ ସହିତ ସଂପର୍କ ରଖିବା ପ୍ରତି ଲୋକମାନଙ୍କୁ ତାଗିଦ୍ କରୁଥିଲେ। ଆପଣ ସର୍ବଦା ଏହି ଦୁଆ କରୁଥିଲେ ଯେ, ହେ ଅଲ୍ଲାଃ ! ମୋର ସନ୍ତାନମାନଙ୍କୁ ମଧ୍ୟ ଖିଲାଫତ୍ ସହିତ ସଂଶ୍ଳୀଷ୍ଟ ରଖ । ଶ୍ୱଶୁର ମହୋଦୟ କହୁଥିଲେ ଯେ, ମୁଁ ତ' ପ୍ରତ୍ୟେକ ପ୍ରସଙ୍ଗ ଖଲିଫତୁଲ୍ ମସିହ୍‌ଙ୍କ ନିକଟକୁ ପତ୍ର ଲେଖିଥାଏ। ମୁଁ କୌଣସି କଥା ଲୁଚାଏ ନାହିଁ । ଯଦି କୌଣସି ଦୋଷ ତ୍ରୁଟି ହୋଇଯାଏ ତେବେ ମଧ୍ୟ ମୁଁ ହ. ଖଲିଫତୁଲ୍ ମସିହ୍‌ଙ୍କ ନିକଟକୁ ପତ୍ର ଲେଖି ଦେଇଥାଏ । କାରଣ ମୋର ତ୍ରୁଟି ସଂଶୋଧନ ହୋଇଯାଉ ଓ ମୋର ଲାଭ ମଧ୍ୟ ହୋଇଯିବ। ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ କୃପାରୁ ଆପଣ ନିଜର ୱକ୍‌ଫ୍‌କୁ ଅତି ଉତ୍ତମ ଢଙ୍ଗରେ ନିର୍ବାହ କରିଥିଲେ । ମୁଁ (ହୁଜୁର ଅନ୍‌ୱର୍) ମଧ୍ୟ ଦେଖିଛି ଯେ, ମୁଁ ଯେତେବେଳେ ଅଞ୍ଜୁମନ୍‌ରେ ଥିଲି ସେତେବେଳେ ମଧ୍ୟ ଆପଣ ମୋ ସହିତ କାମ କରିଛନ୍ତି। ଆପଣ ଧର୍ମକୁ ସାଂସାରିକତା ଉପରେ ଅଗ୍ରାଧିକାର ଦେବାରେ ଏକ ଅନନ୍ୟ ଉଦାହରଣ ଥିଲେ। ସରଳ ଜୀବନ ଯାପନ କରିବା ଏବଂ ନିଜର ସମୟକୁ ପୂର୍ଣ୍ଣ ରୂପେ ଧର୍ମ ସେବା କରିବା ନିମନ୍ତେ ଉପସ୍ଥାପିତ କରୁଥିଲେ । ଅନେକ ସମୟରେ ଏହା ହେଉଥିଲା ଯେ, ଆପଣ ଯେତେବେଳେ କୌଣସି ସ୍ଥାନ କିମ୍ବା ଜମାଅତ୍‌ର ଗସ୍ତ କରୁଥିଲେ ଏବଂ ଗସ୍ତ କରି ଯେତେବେଳେ ଆପଣ ଘରକୁ ଫେରୁଥିଲେ ସେତେବେଳେ ଆପଣ କାର୍ଯ୍ୟାଳୟକୁ ଆସୁଥିଲେ ଏବଂ ସେହି ଦିନ ଆପଣ ପୁଣି ଗସ୍ତରେ ଚାଲି ଯାଉଥିଲେ । ଆପଣ ସର୍ବଦା ଏହି ଉଦ୍ୟମ କରୁଥିଲେ ଯେ, ତାଙ୍କୁ ସେବା କରିବାର ଅବସର ପ୍ରାପ୍ତ ହେଉଥାଉ । ସ୍ୱର୍ଗତ ଶେଖ୍ ମୁବାରକ୍ ଅହେମଦ ସାହେବ ଯେତେବେଳେ ଅସୁସ୍ଥ ହୋଇ ପଡ଼ିଥିଲେ ସେତେବେଳେ ସ୍ୱର୍ଗତ ଶେଖ ମୁବାରକ ଅହେମଦ ସାହେବଙ୍କର ସନ୍ତାନମାନେ ସ୍ୱର୍ଗତଙ୍କୁ ବିଶ୍ରାମ କରିବା ନିମନ୍ତେ ପରାମର୍ଶ ଦେଉଥିଲେ । ଆପଣ ଯେତେବେଳେ ଅସୁସ୍ଥ ହେଲେ ସେତେବେଳେ ଆପଣ କହିଲେ, ମୋର ଅବସର ମୋ ମୃତ୍ୟୁରେ ହିଁ ସମାପ୍ତ ହେବ । କାର୍ଯ୍ୟାଳୟର କର୍ମଚାରୀମାନେ ମଧ୍ୟ ଆପଣଙ୍କ ଉପରେ ଅତି ପ୍ରସନ୍ନ ଥିଲେ । କର୍ମଚାରୀମାନେ କୁହନ୍ତି ଯେ, ସ୍ୱର୍ଗତ ଶେଖ୍ ମୁବାରକ୍ ସାହେବ୍ ସର୍ବଦା ଆମମାନଙ୍କର ଏବଂ ଆମମାନଙ୍କର ବ୍ୟକ୍ତିଗତ ଆବଶ୍ୟକତା ପ୍ରତି ଯତ୍ନବାନ୍ ଥିଲେ । ଆପଣ ପ୍ରତ୍ୟେକଟି କଥା ଅନୁଧ୍ୟାନ ଓ ସମୀକ୍ଷା କରି ତାହାକୁ ପୂର୍ଣ୍ଣ କରିବା ନିମନ୍ତେ ଉଦ୍ୟମ କରୁଥିଲେ । ସେହିପରି ସେହି କର୍ମଚାରୀମାନେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ସ୍ୱର୍ଗତ ମୁବାରକ୍ ସାହେବ ପୁସ୍ତକ ଅଧ୍ୟୟନ ପ୍ରତି ବେଶ୍ ଆଗ୍ରହ ପ୍ରକାଶ କରୁଥିଲେ ଏବଂ ଅଭିରୁଚି ରଖୁଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, "ମୁଁ ଦେଖିଛି ଯେ, ସ୍ୱର୍ଗତ ମହୋଦୟ ନିଜ ଘରେ ସର୍ବଦା ପୁସ୍ତକ ଅଧ୍ୟୟନ କରୁଥିଲେ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକ ଏବଂ ମଲ୍‌ଫୁଜାତ୍‌ର ଗଭୀର ଅଧ୍ୟୟନ କରୁଥିଲେ । ସେହିପରି ଆପଣ ନିଜର ସନ୍ତାନମାନଙ୍କୁ ମଧ୍ୟ ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକ ଅଧ୍ୟୟନ କରିବା ପ୍ରତି ତାଗିଦ୍ କରୁଥିଲେ। ଜମାଅତୀୟ ନିୟମାବଳୀ ଏବଂ ଶୃଙ୍ଖଳା ପ୍ରତି ଆପଣ ବେଶ୍ ସଚେତନ ଓ ଯତ୍ନବାନ୍ ଥିଲେ । ସେହିପରି ଆପଣଙ୍କ ମଧ୍ୟରେ ନିଷ୍ପତ୍ତି **(ଅବଶିଷ୍ଟାଂଶ....ପୃ-09ରେ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀ ଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ୱ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

## (ଖୁତ୍‌ବା ଜୁମା)

ଆଁହଜରତ ସ.ଅଙ୍କ ଜୀବନ ସମସ୍ତଙ୍କ ସମ୍ମୁଖରେ ଏକ ଖୋଲା ବହି (ପୁସ୍ତକ) ପରି ଥିଲା । ଅର୍ଥାତ୍ ଆଁହଜରତ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ସମସ୍ତ ସାହାବାମାନଙ୍କୁ ଆଦେଶ ଦେଉଥିଲେ ଯେ, ହେ ସାହାବାମାନେ ! ସାବଧାନ ! ତୁମେମାନେ କୌଣସି ବାଳକକୁ ହତ୍ୟା କରିବ ନାହିଁ ଓ ନା ହିଁ ତୁମେମାନେ ମହିଳାମାନଙ୍କୁ ହତ୍ୟା କରିବ । ଏପର୍ଯ୍ୟନ୍ତକି ତୁମେମାନେ ବୃକ୍ଷଗୁଡ଼ିକୁ ମଧ୍ୟ ଅକାରଣରେ କାଟିବ ନାହିଁ । ସେହି ମହାବତାର ଅର୍ଥାତ୍ ହ. ମୁହମ୍ମଦ ସ.ଅ ଯିଏ ଜୀବମାନଙ୍କର କୌଣସି କଷ୍ଟ ଦେଖି ସହପାରୁ ନଥିଲେ ସେହି ମହାବତାର ହ. ମୁହମ୍ମଦ ସ.ଅ ମନୁଷ୍ୟ ଉପରେ କିପରି ବା ଅତ୍ୟାଚାର ଓ କ୍ରୂରତା ପ୍ରଦର୍ଶନ କରି ପାରିବେ ?

— — — — — — — — — — — — — — — — — — —

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ତୀର ବାଜିବା ଦ୍ୱାରା ଆପଣ ସ.ଅ ଆହତ ହୋଇ ଯାଇଥିଲେ ଏବଂ ତୀର ବାଜିବା ଦ୍ୱାରା ଆପଣ ସ.ଅ ବସ୍ତ୍ର ବିଦୀର୍ଣ୍ଣ (ଚିରି ଯାଇଥିଲା) ହୋଇ ଯାଇଥିଲା । ରସୁଲୁଲ୍ଲାଃ ସ.ଅ ତୀର ବାହାର କଲେ । ପୁନଶ୍ଚ ଏତଦ୍‌ପରେ ଆପଣ ସ.ଅ ମୁଠାଏ ଗୋଡ଼ି ନେଇ ସେହି ଦୁର୍ଗ ଆଡ଼କୁ ଫିଙ୍ଗିଦେଲେ । ଏହି ମୁଠାଏ ଗୋଡ଼ିମାଟି ଫିଙ୍ଗିବା ଦ୍ୱାରା ସେମାନଙ୍କର (ଇହୁଦୀମାନଙ୍କର) ଦୁର୍ଗ ପ୍ରକମ୍ପିତ ଏବଂ ଥରହର ହେବାକୁ ଲାଗିଲା । ଏପର୍ଯ୍ୟନ୍ତକି ମୁସଲମାନମାନେ ଇହୁଦୀମାନଙ୍କୁ ଧରି ପକାଇଲେ ଓ ଦୁର୍ଗ ଉପରେ ମୁସଲମାନ ଅଧିକାର କରିନେଲେ ।

— — — — — — — — — — — — — — — — — — —

ଆଁହଜରତ ସ.ଅଙ୍କ ପବିତ୍ର ଅସ୍ତିତ୍ୱ ଏବଂ ଆପଣ ସ.ଅଙ୍କ ସମ୍ମାନ ସର୍ବ ପ୍ରଧାନ ଓ ପ୍ରଣୀଧାନଯୋଗ୍ୟ ଅଟେ । ଆପଣ ସ.ଅ ତ' ନ୍ୟାୟ ଓ ମୀମାଂସାର ପ୍ରବର୍ତ୍ତକ ଥିଲେ । ଆପଣ ସ.ଅ ରହେମତୁଲ୍ ଲିଲ୍ ଆଲମିନ୍ (ସମସ୍ତ ଜଗତ ନିମନ୍ତେ କରୁଣା) ଥିଲେ । ଏପରି ପ୍ରତ୍ୟେକ ବର୍ଣ୍ଣନା ଯାହା ଆଁହଜରତ ସ.ଅଙ୍କ ବିରୁଦ୍ଧୀୟ ଏବଂ ବିପରୀତାତ୍ମକ ତାହା ଆଦୌ ଗ୍ରହଣଯୋଗ୍ୟ ହୋଇ ପାରିବ ନାହିଁ ।

— — — — — — — — — — — — — — — — — — —

କିନାନା ବିନ୍ ରବିଇ ନିହତ ହେଲା ସତ ।  କିନ୍ତୁ ତା'ର ସଂହାରର କାରଣ ଜଣେ ମୁସଲମାନ ସେନାପତି ଥିଲା । ସେହି ମୁସଲମାନ ସେନାପତିକୁ ହତ୍ୟା କରିଥିବା ହେତୁ କିନାନା ବିନ୍ ରବିଇ  କିସ୍ୱାସ୍ (ପ୍ରିତଶୋଧ) ସ୍ୱରୂପ ନିଜେ ନିହତ ହେଲା । ଅତଏବ୍ ଏହା ହିଁ ପ୍ରକୃତ ଘଟଣା ଓ ବାସ୍ତବତା ଅଟେ ।

— — — — — — — — — — — — — — — — — — —

ଖୈବର୍ ଯୁଦ୍ଧର ପୃଷ୍ଠଭୂମି ସଂପର୍କରେ ଆଁହଜରତ ସ.ଅଙ୍କ ଜୀବନୀ ଚର୍ଚ୍ଚା

— — — — — — — — — — — — — — — — — — —

ସମ୍ମାନନୀୟ ମାଷ୍ଟର ମନ୍‌ସୁର୍ ଅହ୍‌ମଦ ସାହେବ କାହଲୋଁ (ବର୍ତ୍ତମାନ ଅଷ୍ଟ୍ରେଲିୟାରେ ବାସ କରନ୍ତି) ଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ।

— — — — — — — — — — — — — — — — — — — — — — — — — —

**14 FEBRUARY 2025 ମସିହା ଅନୁଯାୟୀ ୧୪ ତବ୍‌ଲିଗ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, ଗତ ଖୁତ୍‌ବାରେ ଆଁହଜରତ ସ.ଅଙ୍କ କାଳରେ ହୋଇଥିବା ଖୈବର୍ ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଆଜି ଖୈବର ଯୁଦ୍ଧରେ ଜୟ ହୋଇଥିବା ଅନ୍ୟ ଦୁର୍ଗର ଚର୍ଚ୍ଚା କରିବି । ଉକ୍ତ ଦ୍ୱିତୀୟ ଦୁର୍ଗ ସାଆବ୍ ବିନ୍ ମୁଆଜ୍ ଦୁର୍ଗ ନାମରେ ପରିଚିତ ଅଟେ । ଉକ୍ତ ଦୁର୍ଗରେ ଖୈବର୍‌ର ଅନ୍ୟ ସମସ୍ତ ଦୁର୍ଗମାନଙ୍କ ମଧ୍ୟରୁ ସର୍ବାଧିକ ଖାଦ୍ୟ ପଦାର୍ଥ, ଜୀବ, ଅସ୍ତ୍ରଶସ୍ତ୍ର, ପାଥେୟ ଓ ଉକ୍ତ ଦୁର୍ଗରେ 500 ଜଣ ଯୋଦ୍ଧାମାନେ ରହୁଥିଲେ । ହ. କାଆବ୍ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ 3 ଦିନ ପର୍ଯ୍ୟନ୍ତ ସାଆବ୍ ବିନ୍ ମୁଆଜଙ୍କ ଦୁର୍ଗ ଅବରୋଧ ଜାରି ରଖିଲେ । ଉକ୍ତ ଦୁର୍ଗଟି ଅତ୍ୟନ୍ତ ମଜଭୁତ ଦୁର୍ଗ ଥିଲା । ହ. ମୁଅତ୍ତିବ୍ ଅସ୍‌ଲମି ର.ଅ ବର୍ଣ୍ଣନା କରନ୍ତି ଯେ, ବନୁ ଅସ୍‌ଲମ୍‌କୁ ଖୈବର୍ ଠାରେ ଅତି ଭୀଷଣ ବୁଭୁକ୍ଷୁତା (ଭୋକ)ର ସମ୍ମୁଖୀନ ହେବାକୁ ପଡ଼ିଥିଲା । ବନୁ ଅସ୍‌ଲମ୍ ସହମତି ପ୍ରକାଶ କଲା ଯେ,  ହ. ଅସ୍‌ମା ବିନ୍ ହାର୍‌ସା ର.ଅଙ୍କୁ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ପ୍ରେରଣ କଲେ । ବନୁ ଅସ୍‌ଲମ୍ ହ. ଅସ୍‌ମା ବିନ୍ ହାର୍‌ସା ର.ଅଙ୍କୁ କହିଲା ଯେ, ହେ ଅସ୍‌ମା ବିନ୍ ହାର୍‌ସା ର.ଅ ! ରସୁଲୁଲ୍ଲାଃ ସ.ଅଙ୍କୁ ଆମମାନଙ୍କର ଇସ୍‌ଲାମ୍ ଧର୍ମ ଉପସ୍ଥାପିତ କରିବା ଏବଂ କହିବା କି ଆମମାନଙ୍କୁ ବୁଭୁକ୍ଷୁତା (ଭୋକ) ଏବଂ ଦୁର୍ବଳତା ଗ୍ରାସ କରି ପକାଇଛି । ଅର୍ଥାତ୍ ଅତି ଦୟନୀୟ ଓ ଶୋଚନୀୟ ଅବସ୍ଥା ରହିଛି । ହ. ଅସ୍‌ମା ର.ଅ ଆପଣ ସ.ଅଙ୍କୁ ବନୁ ଅସ୍‌ଲମ୍‌ର ସଲାମ୍ ଉପସ୍ଥାପିତ କଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମାନଙ୍କୁ ଭୋକ ଏବଂ ଦୁର୍ବଳତା ବହୁତ ହଇରାଣ କରି ରଖିଛି । ତେଣୁ ଆପଣ ସ.ଅ ଆମମାନଙ୍କ ନିମନ୍ତେ ଦୁଆ (ପ୍ରାର୍ଥନା) କରନ୍ତୁ । ଆପଣ ସ.ଅ ଦୁଆ କଲେ ଏବଂ କହିଲେ, ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହାତ ମୁଠାରେ ମୋର ପ୍ରାଣ ବାୟୁ ରହିଛି । ମୋ ପାଖରେ କିଛି ବି ନାହିଁ ଯେଉଁ ବସ୍ତୁ ମାଧ୍ୟମରେ ମୁଁ ଆପଣମାନଙ୍କୁ ଶକ୍ତି ପ୍ରଦାନ କରିଦେବି । ମୋ ନିକଟରେ କିଛି ବି ଖାଦ୍ୟ ପଦାର୍ଥ ନାହିଁ । ମୁଁ ସେମାନଙ୍କର ଅବସ୍ଥା ବୁଝୁଛି ଯେ, ସେମାନଙ୍କୁ ବର୍ତ୍ତମାନ ଭୋକ ଦୁର୍ବଳ କରି ପକାଇଛି । ଭୋକ ଯୋଗୁଁ ସେମାନେ ଦୁର୍ବଳ ହୋଇ ପଡ଼ିଛନ୍ତି। ପୁନଶ୍ଚ ଆପଣ ସ.ଅ ଏହି ପ୍ରାର୍ଥନା କଲା ଯେ, ହେ ଅଲ୍ଲାଃ ! ଇହୁଦୀମାନଙ୍କର ସେହି ଦୁର୍ଗ ଏମାନଙ୍କ ନିମନ୍ତେ ଜୟଯୁକ୍ତ କରାଇ ଦିଅ । ଅର୍ଥାତ୍ ସେହି ଦୁର୍ଗରେ ଯେଉଁ ଖାଦ୍ୟ ସାମଗ୍ରୀ ଏବଂ ଚର୍ବି ଇତ୍ୟାଦି ଭରପୁର ମାତ୍ରାରେ ରହିଛି । ସେହି ସାମଗ୍ରୀକୁ ସେବନ କରିବା ଦ୍ୱାରା ଏମାନଙ୍କର ଭୋକ ଦୂର ହୋଇପାରିବ । ପୁନଶ୍ଚ ଏତଦ୍‌ପରେ ଆପଣ ସ.ଅ ଯୁଦ୍ଧ ନିମନ୍ତେ ଧ୍ୱଜା ହ. ହୁବ୍‌ବାବ୍ ବିନ୍ ମୁନଜିର ର.ଅଙ୍କୁ ହସ୍ତାନ୍ତର କଲେ। **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-121-122, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ଉକ୍ତ ଘଟଣାର ବିସ୍ତୃତ ବିବରଣୀ ସଂକ୍ରାନ୍ତରେ ଏହା ବର୍ଣ୍ଣନା କରାଯାଏ ଯେ, ଇହୁଦୀମାନଙ୍କ ମଧ୍ୟରେ ଜଣେ ବ୍ୟକ୍ତି ଯୁଦ୍ଧ କରିବା ନିମନ୍ତେ ବାହାରକୁ ବାହାରିଲା । ସେହି ବ୍ୟକ୍ତିର ନାମ ୟୁଶା ଥିଲା । ସେ ମୁକାବିଲା ନିମନ୍ତେ ଯେତେବେଳେ ଆମନ୍ତ୍ରିତ କଲା ସେତେବେଳେ ହ. ହୁବବାବ୍ ବିନ୍ ମୁନଜର୍ ର.ଅ ତୁରନ୍ତ ତା' ସହିତ ମୁକାବିଲା କରିବା ନିମନ୍ତେ ବାହାରି ଆସିଲେ । ହ. ହୁବ୍‌ବାବ୍ ର.ଅ ସେହି ବ୍ୟକ୍ତି ଅର୍ଥାତ୍ ୟୁଶାର ସଂହାର କରିଦେଲେ । ପୁନଶ୍ଚ ଜିୟାଁ ନାମକ ଜନୈକ ଇହୁଦୀ ବ୍ୟକ୍ତି ଯୁଦ୍ଧ ନିମନ୍ତେ ଯେତେବେଳେ ଆମନ୍ତ୍ରିତ କଲା ସେତେବେଳେ ହ. ଅମ୍ମାରା ବିନ୍ ଅକ୍‌ବା ଗଫ୍ଫାରୀ ର.ଅ ତା' ବିପକ୍ଷରେ ମୁକାବିଲା କରିବା ନିମନ୍ତେ ବାହାରିଲେ ଏବଂ ଆଗକୁ ଅଗ୍ରସର ହୋଇ ସେହି ଇହୁଦୀ ଅର୍ଥାତ୍ ଜିୟାଁ ଉପରେ ଗଭୀର ପ୍ରହାର କଲେ  ଯଦ୍ୱାରାକି ତା'ର ମୁଣ୍ଡ ଫାଟିଗଲା । ହ. ଅମ୍ମାରା ବିନ୍ ଗଫ୍ଫାରୀ ର.ଅ କହିଲେ, ନିଅ ମୁଁ ଗଫ୍ଫାରୀ ଯୁବକ (ଟୋକା) ଅଟେ । ପ୍ରତ୍ୟୁତ୍ତରରେ ସାହାବାମାନେ କହିଲେ, ହେ ! ଏହାରା ଅର୍ଥାତ୍ ଉକ୍ତ ଯୁବକ ଗଫ୍ଫାରୀର ଜିହାଦ୍ ରଦ୍ଦ ହୋଇଗଲା । ଅର୍ଥାତ୍ ସେ ଅର୍ଥାତ୍ ହ. ଅମ୍ମାରା ବିନ୍ ଗଫ୍ଫାରୀ ର.ଅ ସେତେବେଳେ ଉକ୍ତ ଜାତୀୟ ଶ୍ଳୋଗାନ୍ ଦେଇ ଗର୍ବ ଭାବ ପ୍ରକାଶ କଲେ ଯେ, ମୁଁ ଗଫ୍ଫାରୀ ଯୁବକ ଅଟେ । ସାହାବାମାନେ ଏକଥା କହିଲେ ଯେ, ଆରେ ! ଏହା ତ' ଭଲ କଥା ନୁହେଁ । ତୁମେ ଆତ୍ମବଡ଼ିମା ପ୍ରକାଶ କରିଛ । ଆପଣ ସ.ଅଙ୍କ ସେବାରେ ଯେତେବେଳେ ଉକ୍ତ ପ୍ରସଙ୍ଗ ଉପସ୍ଥାପିତ କରାଗଲା ସେତେବେଳେ ଆପଣ ସ.ଅ କହିଲେ, ହଉ କିଛି କଥା ନାହିଁ । ସେ କହି ଦେଇଛନ୍ତି ତ' କହି ଦେଇଛନ୍ତି । ତା'କୁ ଅବଶ୍ୟ ଏହାର ପ୍ରତିଫଳ ପ୍ରାପ୍ତ ହେବ ଏବଂ ତା'ର ପ୍ରଶଂସା ମଧ୍ୟ କରାଯିବ । ଏପରି ଅବସରରେ ଯଦି ଏହା କରି ଦିଆଯାଏ ତେବେ କୌଣସି ଅସୁବିଧା  ନାହିଁ ।

ହ. ମୁହମ୍ମଦ ବିନ୍ ମସ୍‌ଲମା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ଦେଖିଲି ଯେ, ଆପଣ ସ.ଅ ତୀର ଚଳାଉଥିଲେ ଏବଂ ଆପଣଙ୍କର ଗୋଟିଏ ତୀର ମଧ୍ୟ ଲକ୍ଷ୍ୟଭେଦରୁ ବିଚ୍ୟୁତ ହୋଇ ନଥିଲା । ଆପଣ ସ.ଅ ମୋ ଆଡ଼କୁ ଦେଖି ସ୍ମିତ ହାସ୍ୟ ପ୍ରକାଶ କଲେ । ହ. ହୁବ୍‌ବାବ୍ ବିନ୍ ମୁନ୍‌ଜର୍ ର.ଅ ନିଜର ଯବାନମାନଙ୍କ ସହିତ ଦୁର୍ଗ ଭିତରକୁ ପ୍ରବେଶ କରି ଘମାଘୋଡ଼ ଯୁଦ୍ଧ କରି ଦୁର୍ଗକୁ ଜୟ କରିନେଲେ ଏବଂ ସମସ୍ତ ଅସ୍ତ୍ରଶସ୍ତ୍ର ଏବଂ ଶସ୍ୟବୀଜ ଉପରେ ଅଧିକାର କରିନେଲେ । ଦୁର୍ଗକୁ

ରକ୍ଷା କରୁଥିବା ଅନେକ ଇହୁଦୀମାନେ ନିହତ ହେଲେ ଏବଂ ଅନେକ ଇହୁଦୀ ବନ୍ଦୀ ହେଲେ । ହ. ମୁଅତ୍ତିବ୍ ଅସ୍‌ଲମି ଯିଏ ହୁଜୁର ସ.ଅଙ୍କ ସହିତ ଭୋକ ଯୋଗୁଁ ଦୁଆ କରିବା ନିମନ୍ତେ ନିବେଦନ କରି ଆସିଥିଲେ । ସେ କୁହନ୍ତି: "ବର୍ତ୍ତମାନ ଆମେମାନେ ଆଁହଜରତ ସ.ଅଙ୍କ କତିରୁ (ପାଖରୁ) ଫେରି ନଥିଲୁ କି ଅଲ୍ଲାଃତାଲା ସାଆବ୍ ବିନ୍ ମୁଆଜ୍ ଦୁର୍ଗ ଉପରେ ଆମକୁ ବିଜୟ ପ୍ରଦାନ କଲେ । ଅର୍ଥାତ୍ ଆମେମାନେ ଆଁହଜରତ ସ.ଅଙ୍କ ପାଖରୁ ଦୁଆ କରିବା ନିମନ୍ତେ ନିବେଦନ ଆଁହଜରତ ସ.ଅଙ୍କ ପାଖରୁ ଫେରି ନଥିଲୁ କି ଠିକ୍ ସେହି ସମୟରେ ଯୁଦ୍ଧ ଆରମ୍ଭ ହୋଇଗଲା ଏବଂ ଦୁର୍ଗ ଜୟ ହୋଇଗଲା ।"

ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ସାଆବ୍ ଦୁର୍ଗରେ ଏତେ ଖାଦ୍ୟ ସମାଗ୍ରୀ ମିଳିଲା ଯେ, ଏପରି ଖାଦ୍ୟ ସମଗ୍ରୀ ଅନ୍ୟ କୌଣସି ଦୁର୍ଗରେ ପ୍ରାପ୍ତ ହୋଇ ନଥିଲା । ସେହି ଖାଦ୍ୟ ସାମଗ୍ରୀ ମଧ୍ୟରେ ଯଅ, ଖଜୁରୀ କୋଳି, ଘିଅ, ମହୁ, ତୈଳ, (ତେଲ) ଓ ଚର୍ବି ଇତ୍ୟାଦି ସମାଗ୍ରୀଗୁଡ଼ିକୁ ରହିଥିଲା । ରସୁଲୁଲ୍ଲାଃ ସ.ଅଙ୍କ ଘୋଷଣାକାରୀ ଏହି ଘୋଷଣା କଲା ଯେ, ହେ ମୁସଲମାନମାନେ (ସାହାବାମାନେ) ! ତୁମେମାନେ ନିଜେ ଖାଅ ଓ ନିଜର ଜୀବମାନଙ୍କୁ ମଧ୍ୟ ଖୁଆଅ ଏବଂ ଏଠାରୁ କିଛି ବି ଗୋଟାଇ ନେଇ ଚାଲି ଯିବ ନାହିଁ । ଯାହାକିଛି ଖାଦ୍ୟ ପଦାର୍ଥ ରହିଛି ଏଇଠି ବସି ଖାଅ । **(ଫତହ୍ ଖୈବର୍, ଲେଖକ-ବାଶ୍‌ମିଲ୍, ପୃ-140, ନଫିସ୍ ଏକାଡ଼େମୀ, କରାଚୀ) (ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-122, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ତୃତୀୟ ଦୁର୍ଗର ଚର୍ଚ୍ଚା ରହିଛି । ସେହି ଦୁର୍ଗ ହେଲା ଜୁବୈର୍ ବିନ୍ ଅୱାମ୍ ଦୁର୍ଗ । ଉକ୍ତ ଦୁର୍ଗ ଜୟ ହେବା ସଂପର୍କରେ ଯେଉଁ ଚର୍ଚ୍ଚା ରହିଛି ତାହା ଏହିପରି ଯେ, ଉକ୍ତ ଦୁର୍ଗର ନାମ କୁଲ୍ଲା ଥିଲା । ପରବର୍ତ୍ତୀ ସମୟରେ ହ. ଜୁବୈର୍ ବିନ୍ ଅୱାମ୍ ର.ଅଙ୍କ ଭାଗରେ ଉକ୍ତ ଦୁର୍ଗ ପଡ଼ିଥିଲା । ଅତଃ (ସେଇଥି ପାଇଁ) ଉକ୍ତ ଦୁର୍ଗର ନାମ ଜୁବୈର୍ ଦୁର୍ଗ ବୋଲି ବିଖ୍ୟାତ ହୋଇଗଲା । ଇହୁଦୀମାନେ ଯେତେବେଳେ ନାଏମ୍ ଓ ସାଆବ୍ ମୁଆଜ୍ ଦୁର୍ଗରୁ ଜୁବୈର୍ ବିନ୍ ଅୱାମ୍‌ଙ୍କ ଦୁର୍ଗ ଅଭିମୁଖେ ପଳାୟନ କଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ସେମାନଙ୍କର ଘେରାଉ କରିନେଲେ । ଉକ୍ତ ଦୁର୍ଗଟି ପର୍ବତ ଶୃଙ୍ଗ ଉପରେ ଅବସ୍ଥିତ ଥିଲା । ଆପଣ ସ.ଅ ତିନି ଦିନ ପର୍ଯ୍ୟନ୍ତ ଉକ୍ତ ଦୁର୍ଗର ଘେରାଉ ଜାରି ରଖିଲେ । ଗଜାଲ୍ ନାମକ ଜନୈକ୍ ଇହୁଦୀ ବ୍ୟକ୍ତି ଥିଲା । ସେ ଆସିଲା ଏବଂ ସେ କହିଲା, ହେ ଅବୁଲ୍ କାସିମ୍ ! ଆଁହଜରତ ସ.ଅଙ୍କୁ ସମ୍ବୋଧିତ କରି କହିଲା, ହେ ଅବୁଲ୍ କାସିମ୍ (ଅଣମୁସଲମାନମାନେ ଏହି ଉପାଧି ଅର୍ଥାତ୍ ଅବୁଲ୍ କାସିମ୍ କହି ଆଁହଜରତ୍ ସ.ଅଙ୍କୁ ସମ୍ବୋଧିତ କରୁଥିଲେ) ! ଆପଣ ମୋତେ ଆଶ୍ରୟ ଏବଂ ଶାନ୍ତି ପ୍ରଦାନ କରନ୍ତୁ ଓ ମୋତେ ସୁରକ୍ଷା ପ୍ରଦାନ କରନ୍ତୁ। ଆପଣ ସ.ଅ ଯଦି ମୋତେ ସୁରକ୍ଷା ପ୍ରଦାନ କରନ୍ତି ତେବେ ଏହି ସୁରକ୍ଷା ବଦଳରେ ମୁଁ ଆପଣ ସ.ଅଙ୍କୁ ଏପରି ଏକ ରହସ୍ୟ କଥା କହିଦେବି ଯଦ୍ଦ୍ୱାରା ଆପଣ ସ.ଅ ନୁତାତ୍ ବାସୀଙ୍କ ପକ୍ଷରୁ ଆଶ୍ୱସ୍ତି ପ୍ରାପ୍ତ କରିନେବେ । ଅର୍ଥାତ୍ ଆପଣ ସ.ଅ ସେହି ଦୁର୍ଗ ଅଧିକାର କରିପାରିବେ । ଆପଣ ଶକ୍ ବାସୀଙ୍କ ଆଡ଼କୁ ବାହାରିବେ ତେବେ ନିଃସନ୍ଦେହ ରୂପେ ଶକ୍‌ବାସୀ ଆପଣ ସ.ଅଙ୍କ ଆଧିପତିତ୍ୱ ଯୋଗୁଁ ବିନାଶ ହୋଇ ସାରିଛନ୍ତି । ଏତଦ୍‌ପରେ ଆପଣ ସ.ଅ ଅନ୍ୟ ଦୁର୍ଗ ଆଡ଼କୁ ଯାଇ ପାରିବେ। ରସୁଲୁଲ୍ଲାଃ ସ.ଅ ଗଜାଲ୍ ଏବଂ ତା'ର ପରିବାର ବର୍ଗକୁ ସୁରକ୍ଷା ପ୍ରଦାନ କଲେ। ଇହୁଦୀ ଜଣକ କହିଲା, ହେ ଅବୁଲ୍ କାସିମ୍ ! ନିଃସନ୍ଦେହ ଆପଣ (ସ.ଅ) ଯଦି ଏହିପରି ଏକ ମାସ ପର୍ଯ୍ୟନ୍ତ ଛିଡ଼ା ହୋଇ ରୁହନ୍ତି ତେବେ ସେମାନଙ୍କୁ କିଛି ବି ସମସ୍ୟା ଓ ଅସୁବିଧା ହେବ ନାହିଁ । ସେମାନେ ମାଟି ତଳେ ଶୁଡ଼ଙ୍ଗ ଖୋଳିଛନ୍ତି। ସେମାନେ ରାତ୍ର ସମୟରେ ବାହାରକୁ ବାହାରନ୍ତି ଏବଂ ସେହି ଶୁଡ଼ଙ୍ଗ ମାର୍ଗ ଦେଇ ସେମାନେ ଜଳ ଆଣନ୍ତି ଓ ପୁନଶ୍ଚ ନିଜ ନିଜ ଦୁର୍ଗ ଆଡ଼କୁ ଫେରି ଯାଆନ୍ତି। ସେମାନେ ନିଜକୁ ଆପଣ (ସ.ଅ)ଙ୍କ ଠାରୁ ରକ୍ଷା କରିବାକୁ ଚେଷ୍ଟା କରୁଛନ୍ତି । ଅର୍ଥାତ୍ ସେମାନେ ନିଜର ଆତ୍ମରକ୍ଷା କରିବାକୁ ଉଦ୍ୟମ କରୁଛନ୍ତି । ତେଣୁ ଆପଣ (ସ.ଅ) ଯଦି ଜଳକୁଣ୍ଡ ଆଡ଼କୁ ଯାଉଥିବା ମାର୍ଗକୁ ସେମାନଙ୍କ ଲାଗି କାଟି ଦିଅନ୍ତି ତେବେ ସେମାନେ ଆପଣ (ସ.ଅ)ଙ୍କ ଆଗରେ ନିଜର ଅସ୍ତ୍ରଶସ୍ତ୍ର ପକାଇଦେବେ । ଅର୍ଥାତ୍ ଆତ୍ମସମର୍ପଣ କରିଦେବେ । ରସୁଲୁଲ୍ଲାଃ ସ.ଅ ଗଜାର୍ ସହିତ ଗଲେ ଏବଂ ଇହୁଦୀମାନଙ୍କର ଶୁଡ଼ଙ୍ଗ ମାର୍ଗଗୁଡ଼ିକୁ କାଟିଦେଲେ । ସୁତରାଂ ସେହି ଇହୁଦୀମାନଙ୍କର ଜଳକୁଣ୍ଡ ପର୍ଯ୍ୟନ୍ତ ଯାଉଥିବା ମାର୍ଗ ଯେତେବେଳେ ବନ୍ଦ ହୋଇହଲା ସେତେବେଳେ ସେମାନେ ବାହାରକୁ ବାହାରି ଆସିଲେ ଏବଂ ଏହାପରେ ଘମାଘୋଡ଼ ଯୁଦ୍ଧ ଆରମ୍ଭ ହେଲା । ସେଦିନ ମୁସଲମାନମାନଙ୍କ ମଧ୍ୟରୁ କେତେକ ସାହାବାମାନେ ବୀରଗତି ପ୍ରାପ୍ତ କରିଥିଲେ ଓ ଇହୁଦୀମାନଙ୍କ ମଧ୍ୟରୁ 10 ଜଣ ବ୍ୟକ୍ତି ନିହତ ହୋଇଥିଲେ । ଆପଣ ସ.ଅ ଜୟଯୁକ୍ତ ହେଲେ ଏବଂ ନୁତାତ୍‌ର ଦୁର୍ଗ ମଧ୍ୟରୁ ଉକ୍ତ ଦୁର୍ଗଟି ଶେଷ ଦୁର୍ଗ ଥିଲା । ରସୁଲୁଲ୍ଲାଃ ସ.ଅ ଯେତେବେଳେ ନୁତାତ୍ ଦୁର୍ଗକୁ ଜୟ କରି ସାରିବା ପରେ ଶକ୍ ଦୁର୍ଗ ମୁହାଁ ହୋଇଥିଲେ । ଉକ୍ତ ଦୁର୍ଗଟି ଇହୁଦୀମାନଙ୍କର ଶେଷ ଦୁର୍ଗ ଥିଲା । ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ହ. ମୁହମ୍ମଦ ରସୁଲୁଲ୍ଲାଃ ସ.ଅ ଯେତେବେଳେ ନୁତାତ୍ ଦୁର୍ଗ ଜୟ କରି ସାରିଲେ ସେତେବେଳେ ଆପଣ ସ.ଅ ଶକ୍ ଦୁର୍ଗ ଅଭିମୁଖେ ପ୍ରସ୍ଥାନ କଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ ପୂର୍ବେ ବର୍ଣ୍ଣନା କରି ସାରିଛି ଯେ, ଉକ୍ତ ଦୁର୍ଗ ହେଉଛି ତିନି ଦୁର୍ଗ ମଧ୍ୟରୁ ଶେଷ ଦୁର୍ଗ । **(ଶରହୁଜ୍ ଜର୍କାନୀ, ଭାଗ-3, ପୃ-265, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ)(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-122-123, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଠାରେ ଇହୁଦୀମାନଙ୍କର ଅଧିପତି ସଲ୍ଲାମ୍ ବିନ୍ ମିଶ୍‌କମ୍‌ର ମୃତ୍ୟୁର ଚର୍ଚ୍ଚା ମଧ୍ୟ ମିଳେ । ନୁତାତ୍ ବାସୀଙ୍କ ଦୁର୍ଗ ଯୁଦ୍ଧରେ ସଲ୍ଲାମ୍ ବିନ୍ ମିଶ୍‌କମ୍ ମଧ୍ୟ ମୁସଲମାନମାନଙ୍କ ହାତରେ ନିହତ ହୋଇଥିଲା । ସଲାମ୍ ବିନ୍ ନୁଜୈର୍‌ର ଏକ ବଡ଼ ଅଧିପତି ଥିଲା ଏବଂ ଇହୁଦୀମାନଙ୍କର କାଏଦ୍ ଥିଲା । କିନ୍ତୁ ସେ ଅସୁସ୍ଥ ଥିଲା । ସେଇଥି ପାଇଁ ସେ ଅନ୍ୟ ଇହୁଦୀ ଅଧିପତିଙ୍କ ପରି ଯୁଦ୍ଧରେ ବ୍ୟବହାରିକ ରୂପେ ଅଂଶ ଗ୍ରହଣ କରିପାରି ନଥିଲା । ଅର୍ଥାତ ସ୍ୱୟଂ ଖଡ଼୍‌ଗ ତଥା ତୀର ସହିତ ଯୁଦ୍ଧରେ ସାମିଲ୍ ହେଲା ନାହିଁ । ତା'ର ସାଥିମାନେ ତା'କୁ ଏହି ପ୍ରସ୍ତାବ ଦେଲେ ଯେ, ହେ ସଲାମ୍ ବିନ୍ ନୁଜୈର୍ ! ତୁମେ କତିବାର ଅଞ୍ଚଳକୁ ଚାଲିଯାଅ। କିନ୍ତୁ ପରିଶେଷରେ ସେ ନୁତାତ୍ ଠାରେ ହିଁ ମୁସଲମାନମାନଙ୍କ ହାତରେ ନିହତ ହେଲା ।

**(ଜୀବନୀ ଶବ୍ଦକୋଷ, ଭାଗ-8 ପୃ-358, ଦାରୁସ୍ ସଲାମ୍)**

ଯଦି ତା'ର ଅସୁସ୍ଥ ଘଟଣା ସଠିକ୍ ଅଟେ ଏବଂ ବ୍ୟବହାରିକ ରୂପେ ସେ ଯଦି ଯୁଦ୍ଧର ଅଭିଳାଷୀ ନଥିଲା ତେବେ ଏହି ଦୃଷ୍ଟିରୁ ତା'ର ହତ୍ୟା ଆପତ୍ତିଯୋଗ୍ୟ ନୁହେଁ ଯେ, ସେ ନିଜର ସୈନ୍ୟବାହିନୀକୁ ଯୁଦ୍ଧରେ ପ୍ରେରଣ କରିବା ନିମନ୍ତେ ପ୍ରସ୍ତୁତ ଥିଲା। ସେହି ସୈନ୍ୟବାହିନୀଙ୍କର ସାମୂହିକ ନିରୀକ୍ଷଣ ଓ ସମୀକ୍ଷା ସଲାମ୍ ବିନ୍ ନୁଜୈର୍ କରୁଥିବ, ତେଣୁ ସେହି ଯୁଦ୍ଧ ପରିବେଶରେ ଜଣେ ସାହାବି ତା'ର ବଧ ମଧ୍ୟ କରିଦେଲେ । କାରଣ ସଲାମ୍ ବିନ୍ ନୁଜୈର୍ ସେହି ସୈନ୍ୟବାହିନୀଙ୍କ ସହିତ ସେଠାରେ ଉପସ୍ଥିତ ଥିଲା। ଯୁଦ୍ଧରେ ସୈନ୍ୟବାହିନୀର ଅଧିପତିର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ହୋଇଥାଏ। ଅଧିପତିର ମୃତ୍ୟୁ ଘଟିବା ଦ୍ୱାରା ସନୈବାହିନୀ ମଧ୍ୟ ନିରାଶ ହୋଇ ବସି ପଡ଼େ । ଅତଏବ୍ ଏହି ଦୃଷ୍ଟିରୁ ତା'ର ହତ୍ୟା ମଧ୍ୟ କୌଣସି ଆପତ୍ତିଯୋଗ୍ୟ ପ୍ରସଙ୍ଗ ନଥିଲା। ଶକ୍‌ର ଦୁଇ ଦୁର୍ଗର ଘେରାଉ କରାଯାଇଥିଲା । ଶକ୍ ମଧ୍ୟ ଦୁଇ କିମ୍ବା ତିନୋଟି ଦୁର୍ଗ ମଧ୍ୟରୁ ଅନ୍ୟତମ ଦୁର୍ଗ ଥିଲା କିମ୍ବା ତିନୋଟି ଦୁର୍ଗର ସମଷ୍ଟି ଥିଲା । ଉକ୍ତ ଦୁର୍ଗକୁ ଜୟ କରିବା ସଂକ୍ରାନ୍ତରେ ଏହିପରି ଚର୍ଚ୍ଚା ରହିଛି ଯେ, ଶକ୍‌ର ଦୁଇଟି ଦୁର୍ଗ ରହିଥିଲା । ଯେଉଁ ପ୍ରଥମ ଦୁର୍ଗରୁ ଆପଣ ସ.ଅ ଯୁଦ୍ଧ ଆରମ୍ଭ କରିଥିଲେ ତାହା ଉବୈର୍ ଦୁର୍ଗ ଥିଲା । ରସୁଲୁଲ୍ଲାଃ ସ.ଅ ଦୁର୍ଗର ଶୃଙ୍ଗ ଉପରେ ଛିଡ଼ା ହେଲେ ଏବଂ ଦୁର୍ଗବାସୀଙ୍କ ସହିତ ଯୁଦ୍ଧ କଲେ । ପ୍ରାରମ୍ଭରେ ଜଣେ ଇହୁଦୀ ବ୍ୟକ୍ତି ଯୁଦ୍ଧ ନିମନ୍ତେ ଆମନ୍ତ୍ରିତ କଲା । ତା'ର ମୁକାବିଲା ପାଇଁ ହ. ହୁବ୍‌ବାବ୍ ବିନ୍ ମୁନ୍‌ଜର୍ ର.ଅ ବାହାରିଲେ । ସେମାନେ ଦୁହେଁ ପରସ୍ପର ଉପରେ ଆକ୍ରମଣ ପ୍ରତ୍ୟାକ୍ରମଣ କଲେ । ହ. ହୁବ୍‌ବାବ୍ ବିନ୍ ମୁନ୍‌ଜର୍ ର.ଅ ଗୋଟିଏ ପ୍ରହାର କଲେ ଏବଂ ତା'ର ଦକ୍ଷିଣ ବାହୁ ମଝିରୁ କାଟିଦେଲେ । ତା' ହାତରୁ ଖଡ଼୍‌ଗ ଖସି ପଡ଼ିଲା । ସେ ପରାଜିତ ହୋଇ ନିଜ ଦୁର୍ଗ ଆଡ଼କୁ ଫେରିଗଲା । ହ. ହୁବ୍‌ବାବ୍ ତା'ର ପିଛା କଲେ ଏବଂ ତାର ମେରୁଦଣ୍ଡସ୍ଥ ପିଚା ଉପର ଭାଗକୁ କାଟି ଦଲେ । ସେ ଯେତେବେଳେ ତଳେ ପଡ଼ିଗଲା ସେତେବେଳେ ହ. ହୁବ୍‌ବାବ୍ ବିନ୍ ମୁନ୍‌ଜର୍ ତା'ର ବଧ କରିଦେଲେ । ପୁନଶ୍ଚ ଆଉ ଜଣେ ବ୍ୟକ୍ତି ଦୁର୍ଗ ମଧ୍ୟରୁ ବାହାରିଲା ଏବଂ କହିଲା କିଏ ସେହି ବ୍ୟକ୍ତି ଯିଏ ମୋ ସହିତ ଯୁଦ୍ଧ କରିବ ? ମୁସଲମାନମାନଙ୍କ ମଧ୍ୟରୁ ହଜଶ୍ ବଂଶର ଜଣେ ବ୍ୟକ୍ତି ବାହାରକୁ ଆସିଲା । କିନ୍ତୁ ସେ ମୁକାବିଲା କରି ଶହୀଦ୍ ହୋଇଗଲା । ସେହି ଇହୁଦୀ ବ୍ୟକ୍ତି ଜଣକ ନିଜ ସ୍ଥାନରେ ଛିଡ଼ା ହୋଇ ପୁନଃ (ପୁଣିଥିରେ) ଯୁଦ୍ଧ କରିବା ନିମନ୍ତେ ଯେତେବେଳେ ଆମନ୍ତ୍ରିତ କଲା ସେତେବେଳେ ସେହି ବ୍ୟକ୍ତିର ମୁକାବିଲା ପାଇଁ ହ. ଅବୁ ଦୁଜାନା ର.ଅ ଗଲେ । ହ. ଅବୁ ଦୁଜାନା ଶୀଘ୍ର ଆଗକୁ ଅଗ୍ରସର ହେଲେ ଏବଂ ସେହି ଇହୁଦୀ ବ୍ୟକ୍ତି ଉପରେ ପ୍ରହାର କରି ଖଡ଼୍‌ଗ ଦ୍ୱାରା ତା'ର ଗୋଡ଼ କାଟିଦେଲେ ଏବଂ ତା'ର ସଂହାର କରିଦେଲେ । ହ. ଅବୁ ଦୁଜାନା ର.ଅ ତା'ର ଯୁଦ୍ଧ ପୋଷାକ ଏବଂ ଖଡ଼୍‌ଗ ନେଇନେଲେ ଓ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ହେଲେ । ଆପଣ ସ.ଅ ଉକ୍ତ ଜିନିଷ ହ. ଅବୁ ଦୁଜାନା ର.ଅଙ୍କୁ ପ୍ରଦାନ କରିଦେଲେ । ଇହୁଦୀମାନେ ଆଉ ଯୁଦ୍ଧ କରିପାରିଲେ ନାହିଁ । ଫଳତଃ ସେମାନେ ଅକ୍ଷମତା ପ୍ରକାଶ କଲେ । ଏହାପରେ ଆଉ କେହି ଦୁର୍ଗ ମଧ୍ୟରୁ ବାହାରକୁ ବାହାରିଲା ନାହିଁ । ପୁନଶ୍ଚ ମୁସଲମାନମାନେ ସ୍ଲୋଗାନ୍ (ନାରାଏ ତକ୍‌ବିର୍ ଅଲ୍ଲାଃହୁ ଅକ୍‌ବର୍) ସହିତ ଅତି ଶକ୍ତିଶାଳୀ ଆକ୍ରମଣ କରି ଦୁର୍ଗ ମଧ୍ୟରେ ପ୍ରବେଶ କଲେ । ମୁସଲମାନମାନଙ୍କ ମଧ୍ୟରୁ ସର୍ବାଗ୍ରେ (ସବା ଆଗରେ) ହ. ଅବୁ ଦୁଜାନା ର.ଅ ଥିଲେ । ମୁସଲମାନମାନେ ସେହି ଦୁର୍ଗରେ ନାନା ଜିନିଷ ପତ୍ର, ଖାଦ୍ୟ ସାମଗ୍ରୀ ଓ ଛେଳୀ ମେଣ୍ଢା ଇତ୍ୟାଦି ଜୀବମାନେ ପାଇଲେ । ସମସ୍ତ ଇହୁଦୀମାନେ ପଳାୟନ କଲେ । ସେମାନେ ପ୍ରାଚୀର ଡେଇଁ ପଳାଉଥିଲେ । ସେମାନଙ୍କର ପ୍ରାଚୀର (ପାଚେରୀ) ଡେଇଁବା ଏପରି ପ୍ରତିତ ହେଉଥିଲା ଯେପରିକି ହରିଣମାନେ ପ୍ରାଚୀର ଡେଉଁଛନ୍ତି । ଇହୁଦୀମାନେ ହରିଣ ପରି ଲାଗୁଛନ୍ତି । ଏପର୍ଯ୍ୟନ୍ତକି ଇହୁଦୀମାନେ ଶକ୍ ଦୁର୍ଗର ଦ୍ୱିତୀୟ ଦୁର୍ଗ ଆଡ଼କୁ ଚାଲିଗଲେ । ଅର୍ଥାତ୍ ଅତି ଦ୍ରୁତ ଗତିରେ ସେମାନେ ଦଉଡ଼ିଲେ ।

ରସୁଲୁଲ୍ଲାଃ ସ.ଅ ସାହାବାମାନଙ୍କ ସହିତ ସେମାନଙ୍କ ଆଡ଼କୁ ବାହାରିଲେ ଏବଂ ଇହୁଦୀମାନଙ୍କ ସହିତ ଯୁଦ୍ଧ କଲେ । ଇହୁଦୀମାନେ ମୁସଲମାନମାନଙ୍କ ଉପରେ ଭୀଷଣ ତୀର ବର୍ଷଣ କଲେ ଏବଂ ପଥର ବୃଷ୍ଟି କଲେ । ଇହୁଦୀମାନଙ୍କର ଏହି ଆକ୍ରମଣର ଜବାବ୍‌ରେ ମୁସଲମାନମାନେ ମଧ୍ୟ ସେମାନଙ୍କ ଉପରେ ସେହିପରି ତୀର ବର୍ଷଣ କରୁଥିଲେ । କିନ୍ତୁ ଇହୁଦୀମାନଙ୍କର ତୀର ମୁସଲମାନମାନଙ୍କର ବହୁତ କ୍ଷତି ସାଧନ କରୁଥିଲା । କାରଣ ଇହୁଦୀମାନେ ନିଜର ଉଚ୍ଚ ଅଟ୍ଟାଳିକାରୁ ମୁସଲମାନମାନଙ୍କ ଉପରକୁ ତୀର ବର୍ଷଣ କରୁଥିଲେ ଏବଂ ମୁସଲମାନମାନେ ଦୁର୍ଗ ତଳେ ଶିବିର ପକାଇ ବସିଥିଲେ । ରସୁଲ୍ କରିମ୍ ସ.ଅ ମଧ୍ୟ ମୁସଲମାନମାନଙ୍କ ସହିତ ଶିବିର ପକାଇଥିଲେ । କାରଣ ସେଠାରେ ବହୁତ ତୀର ବୃଷ୍ଟି ହେଉଥିଲା । ରସୁଲୁଲ୍ଲାଃ ସ.ଅଙ୍କ ସହିତ ସାହାବାମାନେ ଉପସ୍ଥିତ ଥିଲେ । ଠିକ୍ ସେତିକିବେଳେ ଗୋଟିଏ ତୀର ଆସି ଆଁହଜରତ ସ.ଅଙ୍କ ବସ୍ତ୍ରରେ ବାଜିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଆପଣ ସ.ଅ ତୀର ଦ୍ୱାରା ଆହତ ହୋଇଥିଲେ । ତୀର ବାଜିବା ଦ୍ୱାରା ଆପଣ ସ.ଅଙ୍କ ବସ୍ତ୍ର ଚିରିଗଲା । ରସୁଲୁଲ୍ଲାଃ ସ.ଅ ତୀର ବାହାର କଲେ ପୁନଶ୍ଚ ଆପଣ ସ.ଅ ମୁଠାଏ ଗୋଡ଼ି ପଥର ନେଲେ ଏବଂ ସେହି ଦୁର୍ଗ ଆଡ଼କୁ ଫିଙ୍ଗିଦେଲେ । ଏହା ଦ୍ୱାରା ସେମାନଙ୍କର ଦୁର୍ଗ ଥରହର ହେବାକୁ ଲାଗିଲା । ଏପର୍ଯ୍ୟନ୍ତକି ମୁସଲମାନମାନେ ଇହୁଦୀମାନଙ୍କୁ ଧରି ପକାଇଲେ । ଏତଦ୍‌ପରେ ଦୁର୍ଗ ଅଧିକୃତ ହେଲା । **(ଫତହ୍ ଖୈବର୍, ଲେଖକ-ବାଶ୍‌ମିଲ୍, ପୃ-157-156, ନଫିସ୍ ଏକାଡ଼େମୀ, କରାଚୀ) (ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-123, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ପୁନଶ୍ଚ କତିବାର ତିନୋଟି ଦୁର୍ଗ ରହିଛି । ସେହି ତିନି ଦୁର୍ଗର ଘେରାଉ ମୁସଲମାନମାନେ କଲେ । ଏଥି ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ରସୁଲୁଲ୍ଲାଃ ସ.ଅ ନୁତାତ୍ ଏବଂ ଶକ୍‌ର ଦୁର୍ଗକୁ ଜୟ କଲେ ସେତେବେଳେ କତିବାର ତିନି ଦୁର୍ଗ ଯଥା-ସୁଲାଲିମ୍, କୁମୁସ୍‌କୁ ସ୍ଥାନାନ୍ତରିତ ହୋଇଗଲେ । କତିବାର ଦୁର୍ଗମାନଙ୍କ ମଧ୍ୟରୁ ସର୍ବ ବୃହତ୍ ଦୁର୍ଗ କୁମୁସ୍ ଥିଲା । ଏହି ସମସ୍ତ ଦୁର୍ଗଗୁଡ଼ିକ ସୁରକ୍ଷିତ ଥିଲା । ଇହୁଦୀ ସେହି ତିନି ଦୁର୍ଗ ମଧ୍ୟରେ ବନ୍ଦ ବା ରୁଦ୍ଧ ହୋଇଯାଇଥିଲେ ଏବଂ ନିଜର ଦୁର୍ଗ ଉପରୁ ତଳକୁ ଓହ୍ଲୁ ନଥିଲେ ଓ ସେମାନଙ୍କ ମଧ୍ୟରୁ କେହି ବି ଯୁଦ୍ଧ କରିବା ନିମନ୍ତେ ବାହାରୁ ନଥିଲା । ରସୁଲୁଲ୍ଲାଃ ସ.ଅ 14 ଦିନ ପର୍ଯ୍ୟନ୍ତ ସେହି ଦୁର୍ଗଗୁଡ଼ିକର ଘେରାଉ ଜାରି ରଖିଲେ । ଏପର୍ଯ୍ୟନ୍ତକି ଆପଣ ସ.ଅ ଏହା ସ୍ଥିର କଲେ ଯେ, ଇହୁଦୀମାନଙ୍କ ଦୁର୍ଗ ପାଖକୁ ତୋପ ଅଣାଯାଉ । ଇହୁଦୀମାନଙ୍କୁ ଯେତେବେଳେ ଏହି ବିଶ୍ୱାସ ହୋଇଗଲା ଯେ, ସେମାନଙ୍କ ଉପରେ ତୋପ ମାଧ୍ୟମରେ ପଥର ଫିଙ୍ଗାଯିବ ସେତେବେଳେ ସେମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ସନ୍ଧି କରିବାର ଇଚ୍ଛା ବ୍ୟକ୍ତ ତଥା ଆଗ୍ରହ ପ୍ରକାଶ କଲେ । ସୁତରାଂ କିନାନା ବିନ୍ ଅବୁ ହୁକୈକ୍ ଇହୁଦୀମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଯାହାର ନାମ ସମ୍ମାହ୍ ଥିଲା ତା' ହାତରେ ସନ୍ଦେଶ ଦେଇ ଆଁହଜରତ ସ.ଅଙ୍କ ନିକଟକୁ ପ୍ରେରଣ କଲା ଯେ, ସେ ଆପଣ ସ.ଅଙ୍କ ସହିତ କଥାବାର୍ତ୍ତା କରିବାକୁ ଚାହୁଁଛି । ରସୁଲୁଲ୍ଲାଃ ସ.ଅ ଅନୁମତି ପ୍ରଦାନ କଲେ । କିନାନା ବିନ୍ ଅବୁ ହୁକୈକ୍ ଦୁର୍ଗ ମଧ୍ୟରୁ ତଳକୁ ଓହ୍ଲାଇ ଆସିଲା ଏବଂ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଚୁକ୍ତି କରିନେଲା । ଆପଣ ସ.ଅ ସାହାବାମାନଙ୍କୁ ଯେତେବେଳେ ପ୍ରେରଣ କଲେ ସେତେବେଳେ ସେମାନେ ଅର୍ଥାତ୍ ସାହାବାମାନେ ଇହୁଦୀମାନଙ୍କ ଧନ ଉପରେ ଅଧିକାର ସାବ୍ୟସ୍ତ କରିନେଲେ । ଅର୍ଥାତ୍ ସାହାବାମାନେ ସେମାନଙ୍କର ଅର୍ଥାତ୍ ଇହୁଦୀମାନଙ୍କ ଧନ ଉପରେ ଅଧିକାର କରିନେଲେ । ସେହି ଦୁର୍ଗରୁ 100ଟି ଲୌହ ପୋଷାକ, 400ଟି ଖଡ଼୍‌ଗ ଏବଂ 1000 ବର୍ଚ୍ଛା, 500 କମାଣ ଓ ତୀର ପ୍ରାପ୍ତ ହୋଇଥିଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-123, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି କସିର୍, ଭାଗ-3, ପୃ-376, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ, ବୈରୁତ୍)**

କମୁସ୍ ଦୁର୍ଗ ଜୟ କରିବା ସଂପର୍କରେ ଅନ୍ୟ କେତେକ ଭିନ୍ନ ବର୍ଣ୍ଣନା ମଧ୍ୟ ରହିଛି । ଯେପରିକି କୁମୁସ୍ ଦୁର୍ଗ ଜୟ ହେବା ପ୍ରସଙ୍ଗରେ ଜୀବନୀ ପୁସ୍ତକମାନଙ୍କରେ ମଧ୍ୟ ଏହା ଉଲ୍ଲେଖ ରହିଛି ଯେ, ଉକ୍ତ ଦୁର୍ଗର ଘେରାଉ 20 ଦିନ ପର୍ଯ୍ୟନ୍ତ କରାଯାଇଥିଲା । ହ. ଅଲୀ ର.ଅଙ୍କ ଇହୁଦୀମାନଙ୍କ ଘମାଘୋଡ଼ ଯୁଦ୍ଧ କଲେ ଏବଂ ପରିଶେଷରେ ହ. ଅଲୀ ର.ଅଙ୍କ ହସ୍ତରେ ଉକ୍ତ ଦୁର୍ଗ ଜୟ ହୋଇଥିଲା । ସେହିପରି ଉକ୍ତ ଦୁର୍ଗର ଘେରାଇ ସଂପର୍କରେ କେତେକ ଜୀବନୀକାରମାନେ ପୁସ୍ତକରେ ସେହି ଘଟଣାବଳୀ ଉଲ୍ଲେଖ କରିଛନ୍ତି ଯାହା ନାଏମ୍ ଦୁର୍ଗ ଘେରାଉ ସଂକ୍ରାନ୍ତରେ ଅନ୍ୟ ଲେଖକମାନେ ବର୍ଣ୍ଣନା କରିଛନ୍ତି । **(ଶରହୁଲ୍ ଜର୍କାନୀ, ଭାଗ-3, ପୃ-265, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ)(ଜୀବନୀ ଶବ୍ଦକୋଷ, ଭାଗ-8 ପୃ-358, ଦାରୁସ୍ ସଲାମ୍ ରିୟାଜ୍) (ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-124-126, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ସେ ଯାହା ହେଉ ଉକ୍ତ ଦୁର୍ଗ ଜୟ ହୋଇଗଲା । ଇହୁଦୀମାନଙ୍କ ସହିତ ପୁନଃ ଏକ ଚୁକ୍ତି ସ୍ୱାକ୍ଷରିତ ହେଲା ଏବଂ ସେହି ଚୁକ୍ତିର ସର୍ତ୍ତାବଳୀ ନିମ୍ନମତେ ଅଟେ :-

**1-** ଇହୁଦୀମାନଙ୍କ ଉପରେ ଏହା ଅନିର୍ବାର୍ଯ୍ୟ ହେବ ଯେ, ସେମାନେ ସମସ୍ତେ ଦୁର୍ଗକୁ ଖାଲି କରି ଦିଅନ୍ତୁ ଏବଂ ନିଜର ସମସ୍ତ ଯୁଦ୍ଧ ସାମଗ୍ରୀ ଏବଂ ଅସ୍ତ୍ରଶସ୍ତ୍ର ସେହିଠାରେ ହିଁ ଅର୍ଥାତ୍ ଦୁର୍ଗ ମଧ୍ୟରେ ହିଁ ଛାଡ଼ି ଦେବେ । କାରଣ ଇସଲାମୀୟ ସୈନ୍ୟବାହିନୀ ଉକ୍ତ ଦୁର୍ଗ ଉପରେ ଅଧିକାର କରିବେ ଏବଂ ତାହା ଅର୍ଥାତ୍ ସେହି ଯୁଦ୍ଧ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଇତ୍ୟାଦି ମୁସଲମାନମାନଙ୍କ ସମ୍ପତ୍ତିର ଏକ ଅଂଶ ହୋଇଯିବେ । ଅର୍ଥାତ୍ ଇହୁଦୀମାନେ ନିଜର ଅସ୍ତ୍ରଶସ୍ତ୍ର ମୁସଲମାନମାନଙ୍କୁ ହସ୍ତାନ୍ତର କରିଦେବେ । ସାଂପ୍ରତିକ କାଳରେ ଏକ ସୈନ୍ୟବାହିନୀ ନିଜର ଅସ୍ତ୍ରଶସ୍ତ୍ରକୁ ପ୍ରତିପକ୍ଷ ସମ୍ମୁଖରେ ହସ୍ତାନ୍ତର କରିଦେବାକୁ ଆତ୍ମ ସମର୍ପଣ ଏବଂ ଇଂରାଜୀରେ ଏହାକୁ Surrender ବୋଲି କୁହାଯାଏ ।

**2-** ରସୁଲ୍ କରିମ୍ ସ.ଅଙ୍କ ଚର୍ଚ୍ଚାନୁଯାୟୀ ଇହୁଦୀମାନଙ୍କର ରକ୍ତର ସୁରକ୍ଷା ଏବଂ ସେମାନଙ୍କର ମହିଳା ଓ ପିଲାମାନଙ୍କୁ ଦାସ କରିବାରୁ କ୍ଷମା ଦେବାର ଅଙ୍ଗୀକାର କରନ୍ତୁ । ଏହା ଥିଲା ଆଁହଜରତ ସ.ଅଙ୍କ ଇହୁଦୀମାନଙ୍କ ପ୍ରତି ଥିବା ଅଙ୍ଗୀକାର । ଅର୍ଥାତ୍ ଆଁହଜରତ ସ.ଅ ଇହୁଦୀମାନଙ୍କର ରକ୍ଷା କରିବେ । ସେମାନଙ୍କୁ ହତ୍ୟା କରିବେ ନାହିଁ ଏବଂ ସେମାନଙ୍କର ପିଲା ଛୁଆମାନଙ୍କୁ ସୁରକ୍ଷା ଯୋଗାଇ ଦେବେ ।

**3-** ଇହୁଦୀମାନଙ୍କ ଉପରେ ଅନିର୍ବାର୍ଯ୍ୟ ଯେ, ସେମାନେ ଖୈବରରୁ ନିର୍ବାସିତ ହୋଇ ସିରୀୟା ଅଭିମୁଖେ ଚାଲିଯିବେ ।

**4-** ଏହି ସର୍ତ୍ତ ଥିଲା କି ଖୈବରରୁ ନିର୍ବାସିତ ହେବା ସମୟରେ ମୁସଲମାନମାନେ ସେମାନଙ୍କୁ (ଦୁର୍ଗରେ ଥିବା ଇହୁଦୀମାନଙ୍କୁ) ଅନୁମତି ପ୍ରଦାନ କରିବେ ଯେ, ସେମାନଙ୍କ ସବାରୀ ଯେତେ ଅର୍ଥ ଅର୍ଥାତ୍ ଧନ ସମ୍ପତ୍ତି ବୋହିବା ସକ୍ଷମ ହୋଇପାରୁଛି ସେତେ ସେମାନେ ନିଜର ଧନ ସମ୍ପତ୍ତି ନିଜ ସାଙ୍ଗରେ ବୋହି ନେଇ ଯାଆନ୍ତୁ ।

**5-** ଇହୁଦୀମାନେ ଉକ୍ତ କଥାର ଅଙ୍ଗୀକାର କରନ୍ତୁ ଯେ, ସେମାନେ ଗୁପ୍ତ ନିଧି ବା ରାଜକୋଷର ସମସ୍ତ ଧନ ସମ୍ପତ୍ତି ସଂପର୍କରେ ମୁସଲମାନମାନଙ୍କୁ ଅବଗତ କରିବେ ଏବଂ ଜୟଯୁକ୍ତ ହୋଇଥିବା ମୁସଲମାନମାନଙ୍କୁ ହସ୍ତାନ୍ତର କରିଦେବେ ।

**6-** ଇହୁଦୀମାନେ ଉକ୍ତ କଥା ଉପରେ ସହମତି ପ୍ରକାଶ କରନ୍ତୁ କି ଯେତେବେଳେ ସେମାନେ ଉକ୍ତ ଚୁକ୍ତିର ସର୍ତ୍ତାବଳୀ ବିରୁଦ୍ଧୀୟ କୌଣସି କୃତ୍ୟ ସମ୍ପାଦନ କରନ୍ତି କିମ୍ବା ଏପରି କୌଣସି ପ୍ରସଙ୍ଗ ଗୁପ୍ତ ରଖନ୍ତି ଯାହାକୁ ପ୍ରକାଶ ଏବଂ ବ୍ୟକ୍ତ କରିବା ଅତ୍ୟାବଶ୍ୟକ ହେବ ତେବେ ସେପରିପ୍ରେକ୍ଷୀରେ ମୁସଲମାନମାନେ ଦାୟୀ ରହିବେ ନାହିଁ । ସେହିପରି ମୁସଲମାନମାନେ ଉକ୍ତ ଅଙ୍ଗୀକୃତ ଚୁକ୍ତିର ସମସ୍ତ ସର୍ତ୍ତାବଳୀରୁ ମୁକ୍ତ ରହିବେ ଏବଂ ଇହୁଦୀମାନଙ୍କର ଧନ ଏବଂ ସନ୍ତାନ ମୁସଲମାନମାନଙ୍କ ନିମନ୍ତେ ବୈଧ ହେବେ । **(ଫତହ୍ ଖୈବର୍, ଲେଖକ-ବାଶ୍‌ମିଲ୍, ପୃ-185-186, ନଫିସ୍ ଏକାଡ଼େମୀ, କରାଚୀ)**

ଖୈବର୍ ବିଜୟ ପରେ ଇହୁଦାମାନଙ୍କର ଖୈବର୍ ଠାରେ ଅବସ୍ଥାନ ଏବଂ ଇହୁଦୀମାନଙ୍କ ଦ୍ୱାରା ଉତ୍ପାଦିତ ଶସ୍ୟ ବଦଳରେ ଉଦ୍ୟାନ ଦେବାର ଚର୍ଚ୍ଚା ମଧ୍ୟ ମିଳେ । ଉଲ୍ଲେଖ ରହିଛି ଯେ, ଚୁକ୍ତି ଅନୁଯାୟୀ ଇହୁଦୀମାନଙ୍କୁ ସିରୀୟା ଅଭିମୁଖେ ନିର୍ବାସିତ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

ହୋଇଥାଆନ୍ତେ । କିନ୍ତୁ ଇହୁଦୀମାନେ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ମୁହମ୍ମଦ (ସ.ଅ) ଆପଣ ଆମମାନଙ୍କୁ ଖୈବର୍ ଠାରେ ରହିବାକୁ ଦିଅନ୍ତୁ । ନିର୍ବାସିତ କରନ୍ତୁ ନାହିଁ । ଆମେମାନେ ଏଠାରେ କୃଷି ଓ ବିଲବାଡ଼ି କାମ କରିବୁ । କାରଣ ଆମେମାନେ ଏଥି ସଂକ୍ରାନ୍ତରେ ଅନେକ କଥା ଜାଣିଛୁ । ରସୁଲ୍ କରୀମ୍ ସ.ଅ ସେମାନଙ୍କ ନିବେଦନକୁ ସ୍ୱୀକାର କରି ସେମାନଙ୍କୁ ଖୈବର୍ ଠାରେ ରହିବାକୁ ଅନୁମତି ପ୍ରଦାନ କରିଦେଲେ । କାରଣ ସେମାନେ କୃଷି କାର୍ଯ୍ୟ କରନ୍ତୁ ଏବଂ ଏହା ବଦଳରେ ସେମାନେ ଅଧା ଫଳ ପ୍ରାପ୍ତ କରିବେ । ଅତଏବ୍ ଆପଣ ସ.ଅ ସେମାନଙ୍କ ପ୍ରତି ଅତ୍ୟନ୍ତ କୋମଳ ଆଚରଣ ପ୍ରଦର୍ଶନ କଲେ । ସହି ବୁଖାରୀର ବର୍ଣ୍ଣନାରେ ଉକ୍ତ ଘଟଣାର ଚର୍ଚ୍ଚା ଏହିପରି ମିଳେ ଯେ, ହ. ଅବ୍ଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଇହୁଦୀମାନଙ୍କୁ ଖୈବର୍ ପ୍ରଦାନ କଲେ। କାରଣ ସେମାନେ ଖୈବର୍ (ଭୂମିରେ)ର ଚାଷବାସ ତଥା କୃଷା କାର୍ଯ୍ୟ କରନ୍ତୁ ଏବଂ ସେହି ଭୂମିରୁ ଯେଉଁ ଶସ୍ୟ ଉତ୍ପନ୍ନ ହେବ ତାହା ଅଧା ମୁସଲମାନମାନଙ୍କ ପାଇଁ ଓ ଅଧା ସେମାନଙ୍କ (ଇହୁଦୀମାନଙ୍କ) ପାଇଁ ଉଦ୍ଦିଷ୍ଟ ହେବ । **(ଫତହ୍ ଖୈବର୍, ଲେଖକ-ବାଶ୍ମିଲ୍, ପୃ-157-156, ନଫିସ୍ ଏକାଡ଼େମୀ, କରାଚୀ) (ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ମୁଆମିଲତୁନ୍ ନବୀ ସ.ଅ ଅହ୍‌ଲଲ୍ ଖୈବର୍, ହଦିସ୍ ନଂ-4248)**

ଖୈବର୍‌ରେ ଯେଉଁ ସାହାବାମାନେ ଶହୀଦ୍ ହେଲେ ସେମାନଙ୍କର ସଂଖ୍ୟା 17 ଥିଲା । ସେହି ବୀରଗତି ପ୍ରାପ୍ତ କରିଥିବା ସାହାବାମାନଙ୍କର ନାମ ନିମ୍ନମତେ ଅଟେ;- ହ. ରବିୟାହ୍ ବିନ୍ ଅକ୍‌ସମ୍, ସକଫ୍ ବିନ୍ ଅମ୍ର, ହ. ରିଫାଅ ବିନ୍ ମସ୍ରୁହ୍, ହ. ଅବ୍ଦୁଲ୍ଲାଃ ବିନ୍ ଉମୈୟାହ୍ ର.ଅ, ହ. ମହ୍‌ମୁଦ୍ ବିନ୍ ମସ୍‌ଲମା ର.ଅ, ହ. ଅବୁ ଜୟ୍ୟାହ୍ ବିନ୍ ନୁମାନ୍ ର.ଅ ହ. ହାରିସ୍ ବିନ୍ ମୁର୍‌ରାହ୍ ର.ଅ, ହ. ଔସ୍ ବିନ୍ ହବିବ୍ ର.ଅ, ହ. ଉନୈଫ୍ ବିନ୍ ଅୱାଏଲ୍ ର.ଅ, ହ. ମସ୍‌ଉଦ୍ ବିନ୍ ସାଆଦ୍ ର.ଅ, ହ. ବିଶର୍ ବିନ୍ ବରାଅ, ହ. ଫୁଜୈଲ୍ ବିନ୍ ନୁମାନ୍ ର.ଅ, ହ. ଆମିର୍ ବିନ୍ ଅକ୍‌ୱା ର.ଅ, ହ. ଅମ୍ମାରାହ୍ ବିନ୍ ଉକ୍‌ବା ର.ଅ, ହବ୍‌ଶୀ ଦାସ (ନିଗ୍ରୋ ଦାସ) ହ. ୟସାର୍ ର.ଅ ଓ ଅଶ୍‌ଯାଅ ସଂପ୍ରଦାୟର ଜଣେ ବ୍ୟକ୍ତି ଯାହାର ନାମୋଲ୍ଲେଖ ହୋଇ ନାହିଁ ଇତ୍ୟାଦି ସାହାବାମାନେ ଖୈବର୍ ଯୁଦ୍ଧରେ ଶହୀଦ୍ ହୋଇଥିଲେ । **(ଅତ୍‌ତବକାତୁଲ୍ କୁବ୍ରା, ଭାଗ-2, ପୃ-82, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(କିତାବୁଲ୍ ମୁଗାଜି, ଭାଗ-2, ପୃ-160, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଇମ୍‌ତାଅଲ୍ ଇସ୍‌ମାଆ, ଭାଗ-1, ପୃ-323, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଶରହୁଜ୍ ଜର୍କାନୀ, ଭାଗ-3, ପୃ-264, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଖୈବରର କେତେକ ଘଟଣାବଳୀ ମଧ୍ୟ ବର୍ଣ୍ଣିତ ହୋଇଛି । ତନ୍ମଧ୍ୟରୁ ଗୋଟିଏ ଘଟଣା କିନାନା ବିନ୍ ରବିଇର ସଂହାର ଘଟଣା ମଧ୍ୟ ଅଟେ । ଇତିହାସ ଏବଂ ଜୀବନୀ ପୁସ୍ତକମାନଙ୍କରେ ବର୍ଣ୍ଣିତ ହୋଇଛି ଯେ, ଖୈବର୍ ଜୟ ହେବା ପରେ ଯେତେବେଳେ ଇହୁଦୀମାନଙ୍କ ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଗଲା ସେତେବେଳେ ଏହାପରେ ଲୋକମାନେ କିନାନା ଏବଂ ତା'ର ଭାଇ ରବିଇକୁ ରସୁଲ୍ କରୀମ୍ ସ.ଅଙ୍କ ନିକଟକୁ ନେଇ ଆସିଲେ । କିନାନା ସମଗ୍ର ଖୈବର୍ ପ୍ରଦେଶର ଅଧିପତି ଥିଲା ଏବଂ ହ. ସଫିୟା ର.ଅଙ୍କ ସ୍ୱାମୀ ଥିଲା ଓ ରବିଇ ତା'ର ଚଚାଙ୍କ ପୁତ୍ର ଭାଇ ଥିଲା। କିନାନ ପାଖରେ ଇହୁଦୀମାନଙ୍କ ସଂପ୍ରଦାୟ ବନୁ ନୁଜୈର୍‌ର ଅଧିପତି ହୁୟଇ ବିନ୍ ଅଖ୍‌ତବ୍‌ର ରାଜକୋଷ ଥିଲା । ଯହିଁରେ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଂକାର ଥିଲା । ଏହି ସ୍ୱର୍ଣ୍ଣ ଓ ଅଳଂକାର ଆଭୂଷଣକୁ କିନାନା ଆରବୀୟମାନଙ୍କୁ ସେମାନଙ୍କର ବିବାହ ପର୍ବରେ ଭଡ଼ାରେ ଦେଉଥିଲା । ଏହି ଦୁହିଁଙ୍କୁ (କିନାନା ଓ ରବିଇକୁ) ରସୁଲୁଲ୍ଲାଃ ସ.ଅ କହିଲେ, ହେ କିନାନା ଓ ରବିଇ ! ତୁମମାନଙ୍କର ସେହି ରାଜକୋଷ କେଉଁଠି ଅଛି ? ସେମାନେ କହିଲେ, ଆମେମାନେ ଯେତେବେଳେ ମଦିନାରୁ ବାହାରିଲୁ ସେତେବେଳେ ଏହି ସମସ୍ତ ରାଜକୋଷ ଧୀରେ ଧୀରେ ଖର୍ଚ୍ଚ ହୋଇଗଲା । ସେହିପରି ଏକ ବର୍ଣ୍ଣନାରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ସେମାନେ ଦୁହେଁ କହିଲେ, ହେ ଅବୁଲ୍ କାସିମ୍ ! ଆମେମାନେ ସେହି ସମସ୍ତ ରାଜକୋଷକୁ ଯୁଦ୍ଧରେ ଖର୍ଚ୍ଚ କରି ଦେଇଛୁ । ବର୍ତ୍ତମାନ ଆମ ପାଖରେ ସେହି ରାଜକୋଷରୁ କିଛି ବି ଆଉ ଅବଶିଷ୍ଟ ରହି ନାହିଁ । ସେହି ଧନକୁ ଆମେମାନେ ଏହି ଦିନ ନିମନ୍ତେ ଏକତ୍ରିତ କରିଥିଲୁ । ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ କହିଲେ, ହେ ରବିଇ ଓ ହେ କିନାନା ! ତୁମମାନଙ୍କର ମଦିନାରୁ ବାହାରିବାକୁ ବେଶୀ ଦିନ ହୋଇ ନାହିଁ ଯେ, ସମସ୍ତ ଧନ ଖର୍ଚ୍ଚ ହୋଇଯିବ । ସେମାନେ ଦୁହେଁ ଉକ୍ତ କଥାକୁ କେନ୍ଦ୍ର କରି ରାଣ ଖାଇ କହିଲେ ଯେ, ହେ ଅବୁଲ୍ କାସିମ୍ ! ଆମମାନଙ୍କ ପାଖେର କିଛି ବି ଧନ ସମ୍ପତ୍ତି ନାହିଁ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ହେ କିନାନା ଓ ରବିଇ ! ଯଦି ତୁମମାନଙ୍କ ନିକଟରୁ ସେହି ରାଜକୋଷ ଜବତ ହେଲା ବା ପ୍ରାପ୍ତ ହେଲା ତେବେ ସେପରିପ୍ରେକ୍ଷୀରେ ଏଥି ନିମନ୍ତେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ଆଉ ଦାୟୀ ରହିବେ ନାହିଁ । ତୁମେମାନେ ଏଥି ନିମନ୍ତେ ନିଜେ ଦାୟୀ ରହିବ । ସେମାନେ କହିଲେ, ହଉ ଠିକ୍ ଅଛି ଆମେ ଦାୟୀ ରହିବୁ । ରସୁଲୁଲ୍ଲାଃ ସ.ଅ ଉକ୍ତ କଥା ପାଇଁ ହ. ଅବୁ ବକ୍କର ର.ଅ, ହ. ଉମର୍ ର.ଅ, ହ. ଅଲୀ ର.ଅ ଓ ହ. ଜୁବୈର୍ ର.ଅଙ୍କୁ ସାକ୍ଷ୍ୟ କଲେ । ସେତେବେଳେ ଇହୁଦୀମାନଙ୍କର ଜଣେ ବ୍ୟକ୍ତି ଛିଡ଼ା ହେଲା ଏବଂ ସେ କିନାନା ପାଖକୁ ଯାଇ କହିଲା, ହେ କିନାନା ! ମୁହମ୍ମଦ ସ.ଅ ତୁମ ଠାରୁ ଯାହା ମାଗୁଛନ୍ତି ତାହା ତାଙ୍କୁ ଦେଇଦିଅ । ଆଉ ଯଦି ତୁମେ ଏ ସଂପ୍ରକେର କିଛି ଜାଣିଛ ତେବେ ତୁମେ ମୁହମ୍ମଦ ସ.ଅଙ୍କୁ କହିଦିଅ । କାରଣ ତୁମର ପ୍ରାଣ ବଞ୍ଚିଯିବ । ଅନ୍ୟଥା ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ! ସେ ଅର୍ଥାତ୍ ମୁହମ୍ମଦ ସ.ଅ ଅବଶ୍ୟ ସେହି ରାଜକୋଷ ଓ ଧନ ଉପରେ ଅଧିକାର କରିନେବେ । ଇବ୍‌ନେ ଅଲ୍ ହୁକୈକ୍ ତା'କୁ ଭର୍ତ୍ସନା କଲା ଏବଂ ପାଟି କଲା । ଫଳତଃ ସେହି ଇହୁଦୀ ବ୍ୟକ୍ତି ଜଣକ ପୃଥକ୍ ହୋଇ ବସି ପଡ଼ିଲା । ଇତିହାସ ପୁସ୍ତକରେ ଉକ୍ତ ଘଟଣାଟି ଏହିପରି ଉଲ୍ଲିଖିତ ହୋଇଛି । **(ଅତ୍‌ତବକାତୁଲ୍ କୁବ୍ରା, ଭାଗ-2, ପୃ-82, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍) (ତାରିଖୁଲ୍ ଖମିସ୍, ଭାଗ-2, ପୃ-415, ଦାରେ ସାଦିର୍ ବୈରୁତ୍) (କିତାବୁଲ୍ ମୁଗାଜି, ଭାଗ-2, ପୃ-140, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି: "ରସୁଲୁଲ୍ଲାଃ ସ.ଅ ଦୁହିଁଙ୍କୁ (କିନାନା ଓ ରବିଇଙ୍କୁ) କହିଲେ ଯେ, ହି କିନାନା ଓ ରବିଇ ! ତୁମେମାନେ ମୋ ଠାରୁ ଯଦି କୌଣସି ପ୍ରସଙ୍ଗ ଲୁଚାଅ ଏବଂ ମୋତେ ପରବର୍ତ୍ତୀ ସମୟରେ ଜ୍ଞାତ ହୋଇଗଲା ତେବେ ମୁଁ ତୁମର ରକ୍ତ ଏବଂ ତୁମମାନଙ୍କର ସନ୍ତାନମାନଙ୍କୁ ଏହି କାରଣରୁ ବୈଧ ବୋଲି ମନେକରିବି । ସେମାନେ କହିଲେ, ହଉ ଠିକ୍ ଅଛି ।" ଇତିହାସର ଏକ ପୁସ୍ତକରେ ସେହି ରାଜକୋଷ ବା ନିଧି ସଂପର୍କରେ ଜ୍ଞାତ ହେବାର ଏକ ବର୍ଣ୍ଣନା ସଂକ୍ଷିପ୍ତ ଭାବରେ ଏହିପରି ବର୍ଣ୍ଣିତ ହୋଇଛି ଯେ, ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଅନସାରମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତିକୁ ଡକାଇଲେ ଏବଂ କହିଲେ, ହେ ବ୍ୟକ୍ତି ! ତୁମେ ଅମକ ଅମକ ଭୂମିକୁ ଯାଅ । ପୁନଶ୍ଚ ଖଜୁରୀ ବୃକ୍ଷ ପାଖକୁ ଆସ। ପୁନଶ୍ଚ ତୁମେ ଖଜୁରୀ ବୃକ୍ଷର ଦକ୍ଷିଣ ପାର୍ଶ୍ୱରୁ କିମ୍ବା ବାମ ପାର୍ଶ୍ୱରୁ ଯେଉଁ ବୃକ୍ଷ ଉଚ୍ଚ ଥିବ ସେହି ବୃକ୍ଷକୁ ଦେଖ ଏବଂ ସେଠାରେ ଯାହା କିଛି ଥିବ ତାହାକୁ ମୋ ନକିଟକୁ ନେଇ ଆସ । ଅର୍ଥାତ୍ ସେହି ବୃକ୍ଷ ତଳେ କ'ଣ ରହିଛି ? ଯେତେବେଳେ ସେହି ରାଜକୋଷର ମୂଲ୍ୟ ନିର୍ଦ୍ଧାରଣ କରାଗଲା ସେତେବେଳେ ତା'ର ମୂଲ୍ୟ 10,000 ଦିନାର ହେଲା । ପ୍ରତିଶୃତି ଭଙ୍ଗ ଏବଂ ଚୁକ୍ତି ଭଙ୍ଗ ଯୋଗୁଁ ଦୁହିଁଙ୍କୁ (କିନାନା ଓ ରବିଇକୁ) ବଧ କରିଦିଆଗଲା ଓ ସେମାନଙ୍କର ପରିବାରବର୍ଗଙ୍କୁ ବନ୍ଦୀ କରିନିଆଗଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାଟି କେତେଦୂର ପର୍ଯ୍ୟନ୍ତ ସତ୍ୟ ତାହାର ବିଶ୍ଳେଷଣ ହେବା ଉଚିତ୍ । ସେହିପରି ଆଉ ଏକ ବର୍ଣ୍ଣନା ମଧ୍ୟ ରହିଛି । ଯହିଁରେ ଘଟଣାଟି ଏହିପରି ବର୍ଣ୍ଣିତ ହୋଇଛି ଯେ, ଇବ୍‌ନେ ଇସହାକ୍ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ କିନାନାକୁ ଅଣାଗଲା ଏବଂ ତା' (କିନାନା) ନିକଟରେ ରାଜକୋଷ ଥିଲା । ତା'କୁ ରାଜକୋଷ ସଂପର୍କରେ ଯେତେବେଳେ ପଚରାଗଲା ସେତେବେଳେ ସେ କହିଲା ମୁଁ ରାଜକୋଷ ସଂପର୍କରେ କିଛି ଜାଣି ନାହିଁ । ଏହା କହି ସେ ଅସ୍ୱୀକାର କରିଦେଲା ଯେ, ସେ କିଛି ଜାଣି ନାହିଁ । **(ଅତ୍‌ତବ୍‌କାତୁଲ୍ କୁବ୍ରା, ଭାଗ-2, ପୃ-86, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ଶରହୁଜ୍ ଜର୍କାନୀ, ଭାଗ-3, ପୃ-266, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ରସୁଲ୍ କରୀମ୍ ସ.ଅଙ୍କ ନିକଟକୁ ଜଣେ ଇହୁଦୀ ବ୍ୟକ୍ତିକୁ ଅଣାଗଲା । ସେହି ବ୍ୟକ୍ତିର ନାମ ସାଆଲ୍‌ବା ଥିଲା । କେତେକ ସ୍ଥାନରେ ଉକ୍ତ ଚର୍ଚ୍ଚା ମଧ୍ୟ ରହିଛି ଯେ, ସାଅୟତା ବିନ୍ ସଲ୍ଲାମ୍ ବିନ୍ ଅବୁ ହୁକୈକ୍‌କୁ ଡକାଇ ରସୁଲ୍ଲାଃ ସ.ଅ ଯେତେବେଳେ ପଚାରିଲେ ସେତେବେଳେ ସେ ରସୁଲୁଲ୍ଲାଃ ସ.ଅଙ୍କୁ କହିଲା ଯେ, ହେ ମୁହମ୍ମଦ ! ମୁ କିନାନାକୁ ଦେଖିଛି ଯେ, ସେ ପ୍ରତ୍ୟେକ ଦିନ ସକାଳ ସମୟରେ ସେହି ଗୁମ୍ଫାର ଆଖପାଖରେ ବୁଲୁଥିଲା । ରସୁଲୁଲ୍ଲାଃ ସ.ଅ ସାଆଲବା ସହିତ ହ. ଜୁବୈର୍ ବିନ୍ ଅୱାମ୍ ର.ଅଙ୍କୁ ଏବଂ ଆଉ କେତେକ ମୁସଲମାନମାନଙ୍କୁ ପ୍ରେରଣ କଲେ । ଅର୍ଥାତ୍ ସାଆଲ୍‌ବା ଯେଉଁ ସ୍ଥାନ ଏବଂ ଯେଉଁ ଗୁମ୍ଫା ସଂପର୍କରେ କହୁଥିଲା ସେହି ଗୁମ୍ଫା ଏବଂ ପରିତ୍ୟକ୍ତ ସ୍ଥାନକୁ ନେଇଗଲା । ସେହି ସ୍ଥାନରେ ଯେତେବେଳେ ଖନନ କାମ ଆରମ୍ଭ କରାଗଲା ସେତେବେଳେ ସେହି ସ୍ଥାନରୁ ରାଜକୋଷ ଏବଂ ଗୁପ୍ତ ଧନ ରତ୍ନ ବାହାରିଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନାରେ ଏହା ବର୍ଣ୍ଣିତ ହୋଇଛି ଯେ, କିଛି ଗୁପ୍ତ ନିଧି

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ପ୍ରାପ୍ତ ହେଲା ଓ ଅବଶିଷ୍ଟ ରାଜକୋଷ ମିଳିଲା ନାହିଁ । କିନାନା ଯେତେବେଳେ ଗୁପ୍ତ ନିଧି ସଂପର୍କରେ କହିବାକୁ ଅସ୍ୱୀକାର କରିଦେଲା ସତେବେଳେ ରସୁଲୁଲ୍ଲାଃ ସ.ଅ ହ. ଜୁବୈର୍ ର.ଅଙ୍କୁ ଆଦେଶ ଦେଲେ ଯେ, ହେ ଜୁବୈର୍ ! ତୁମେ କିନାନାକୁ ଶାସ୍ତି ଦିଅ । ହ. ଜୁବୈର୍ ର.ଅ ଚକ୍‌ମାକର (ଏକ ପ୍ରକାରର ପଥର ଯହିଁରୁ ନିଆଁ ବାହାରେ) ପଥର ଆଣିଲେ ଏବଂ ତା'ର ଛାତି ଉପରେ ପ୍ରହାର କରୁଥିଲେ । ସେହି ପଥରରୁ ନିଆଁ ବାହାରୁଥିଲା । ସେ ଯେତେବେଳେ ମୃତ୍ୟୁ ନିକଟବର୍ତ୍ତୀ ହେଲା ସେତେବେଳେ ସେ ଅବଶିଷ୍ଟ ରାଜକୋଷ ସଂପର୍କରେ କହିଲା, ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କିନାନାକୁ ମୁହମ୍ମଦ ବିନ୍ ମସ୍‌ଲମାଙ୍କୁ ହସ୍ତାନ୍ତରେ କରିଦେଲେ । କାରଣ ସେ କିନାନର ସଂହାର କରି ଦିଅନ୍ତୁ । ସୁତରାଂ ମୁହମ୍ମଦ ବିନ୍ ମସ୍‌ଲମା ନିଜର ଭାଇ ମହ୍‌ମୁଦ୍ ବିନ୍ ମସ୍‌ଲମାଙ୍କ ଉପରେ ଚକ୍କି ଖସାଇ ତାଙ୍କୁ ଶହୀଦ କରି ଦିଆଯାଇଥିଲା ତାଙ୍କ ଅର୍ଥାତ୍ ନିଜ ଭାଇର ପ୍ରତିଶୋଧ ବଦଳରେ ସେ କିନାନାରବଧ କରିଦେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଆଁହଜରତ ସ.ଅ ସେମାନଙ୍କୁ ମୃତ୍ୟୁଦଣ୍ଡ ଅର୍ଥାତ୍ ସେମାନଙ୍କର ସଂହାର ତ' କରିଥିଲେ । କିନ୍ତୁ ଯେଉଁଳି ଭାବରେ ଉକ୍ତ ଘଟଣାକୁ ବର୍ଣ୍ଣନା କରାଯାଏ ତାହା ଆଁହଜରତ ସ.ଅଙ୍କ ଚରିତ୍ର ଓ ଆଦର୍ଶ ବିରୁଦ୍ଧୀୟ ବୋଲି ମନେହୁଏ । କେତେକ ବର୍ଣ୍ଣନାନୁଯାୟୀ କିନାନାକୁ ମୁହମ୍ମଦ ବିନ୍ ମସ୍‌ଲମା ବଧ କରିଥିଲେ । ଅପରପକ୍ଷେ ତା'ର ଭାଇ ରବିଇକୁ ବିଶର୍ ବିନ୍ ବରାଅଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଦିଆଗଲା । ରବିଇକୁ ବିଶର୍ ବିନ୍ ବରାଅଙ୍କ ବଦଳରେ ବଧ କରିଦିଆଗଲା । ରସୁଲୁଲ୍ଲାଃ ସ.ଅ ସେମାନଙ୍କର ଧନକୁ ବୈଧ ବୋଲି ବିବେଚିତ କଲେ ଏବଂ ସେମାନଙ୍କର ସନ୍ତାନ ସନ୍ତତିଙ୍କୁ ବନ୍ଦୀ କରିନେଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ବର୍ଣ୍ଣନାଟି ଇତିହାସ ଏବଂ ଜୀବନୀର ବିଶ୍ୱସ୍ତ ପୁସ୍ତକରେ ଉପସ୍ଥିତ ରହିଛି । ଯେପରିକି ତବ୍ରୀ, ତାରିଖୁଲ୍ ଖମିସ୍, ତବ୍‌କାତ୍ ଇବ୍‌ନେ ସାଆଦ୍, କିତାବୁଲ୍ ମୁଗାଜି, ୱାକିଦି, ସିରତ୍ ଇବ୍‌ନେ ହିଶ୍ଶାମ୍, ସିରତ୍ ଇବ୍‌ନେ ଇସ୍‌ହାକ୍, ସିରତ୍ ହଲବିୟାହ୍ ଓ ଜର୍କାନୀ ଇତ୍ୟାଦି ପୁସ୍ତକରେ କିନାନକୁ ଏହି କାରଣରୁ ବଧ କରିବାର ଚର୍ଚ୍ଚା ହଦିସ୍‌ର ପୁସ୍ତକ ସୁନନ୍ ଅବୁ ଦାଉଦ୍‌ରେ ମଧ୍ୟ ବର୍ଣ୍ଣିତ ହୋଇଛି । କିନ୍ତୁ କିନାନାର ବଧର ଭିନ୍ନ ଭିନ୍ନ କାରଣ ଏବଂ ବର୍ଣ୍ଣନା ମଧ୍ୟ ମିଳିଥାଏ । ଯହିଁରୁ ଏହା ପ୍ରତିଭାତ (ଜ୍ଞାତ ହୁଏ ବା ଜଣାପଡ଼େ) ଯେ, କିନାନାର ବଧର କାରଣ ରାଜକୋଷ ଚିହ୍ନଟ ନକରିବା ଥିଲା । **(ସିରତୁଲ୍ ହଲବିୟାହ୍, ଭାଗ-3, ପୃ-62, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (କିତାବୁଲ୍ ମୁଗାଜି, ଭାଗ-2, ପୃ-140, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଶରହୁଜ୍ ଜର୍କାନୀ, ଭାଗ-3, ପୃ-265, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ, ବୈରୁତ୍) (ଇମ୍‌ତାଅଲ୍ ଇସ୍‌ମାଆ, ଭାଗ-1, ପୃ-315, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସୁନନ୍ ଅବୁ ଦାଉଦ୍, କିତାବୁଲ୍ ଖରାଜ୍, ୱ ଉଲ୍‌ଫିଆ, ୱ ଆଲି ଇମାରତା, ବାବ୍-ଫି ହୁକମି ଅର୍ଜି ଖୈବର୍, ହଦିସ୍ ନଂ-3006)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଖୈବର୍‌ର ଉକ୍ତ ଘଟଣାକୁ ପ୍ରାଚ୍ୟତତ୍ତ୍ୱବିତ୍‌ମାନେ ମଧ୍ୟ ନିଜର ପୁସ୍ତକମାନଙ୍କରେ ବର୍ଣ୍ଣନା କରିଛନ୍ତି ଏବଂ ପୁନଶ୍ଚ ଆପତ୍ତିକାରୀମାନେ ନିଜର ଅଭ୍ୟାସ ଅନୁଯାୟୀ ଇସ୍‌ଲାମ୍ ଧର୍ମ ଏବଂ ଆଁହଜରତ ସ.ଅଙ୍କ କଲ୍ୟାଣମୂଳକ ଅସ୍ତିତ୍ୱ ଉପରେ ଆପତ୍ତି କରିଛନ୍ତି । ଅର୍ଥାତ୍ **ନାଉଜୁବିଲ୍ଲାଃ** ଆପଣ ସ.ଅ ଧନ ଏବଂ ସମ୍ପତ୍ତିର ଅଭିଳାଷୀ ଥିଲେ ଓ ଧନସମ୍ପତ୍ତି ପ୍ରତି ଆସକ୍ତ ଥିଲେ କିମ୍ବା ସେହି ଆପତ୍ତିକାରୀମାନେ ଏହା ପ୍ରକାଶ କରିବାକୁ ଚାହିଁଥିଲେ ଯେ, **ନାଉଜୁବିଲ୍ଲାଃ** ଆପଣ ସ.ଅ କିଭଳି ଓ କେଉଁ କେଉଁ ଢଙ୍ଗରେ ଅନ୍ୟାୟ ଓ ଅତ୍ୟାଚାର କରୁଥିଲେ । ଆପତ୍ତିକାରୀମାନେ ତିଳେମାତ୍ର ନ୍ୟାୟ ଓ ବୁଦ୍ଧି ବିବେକକୁ ବିନିଯୋଗ କଲେ ନାହିଁ । ଆଁହଜରତ ସ.ଅଙ୍କ ଜୀବନ ତ' ସମସ୍ତଙ୍କ ସମ୍ମୁଖରେ ଏକ ଖୋଲା ବହି ପରି ଥିଲା । ଯେଉଁ ମହାବତାର (ହ. ମୁହମ୍ମଦ ସ.ଅ) ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ନିଜର ସୈନ୍ୟବାହିନୀ ଏବଂ ସାହାବାମାନଙ୍କୁ ଏହି ଆଦେଶ ଦେଉଥିଲେ ଯେ, ହେ ସାହାବାମାନେ ! ସାବଧାନ !! ତୁମେମାନେ କୌଣସି ନିରୀହ ଛୋଟ ପିଲା ଏବଂ ମହିଳାର ବଧ କରିବ ନାହିଁ । ଏପର୍ଯ୍ୟନ୍ତକି ତୁମେମାନେ ଅକାରଣରେ ମଧ୍ୟ ବୃକ୍ଷଲତାକୁ କାଟିବ ନାହିଁ । **(ସହି ବୁଖାରୀ କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍ (ଅଧ୍ୟାୟ)- କତଲୁନ୍ ନିସା ଫିଲ୍ ହର୍ବି, ହଦିସ୍ ସଂଖ୍ୟା-3015) (ସୁନନୁଲ୍ କୁବ୍ରା, ଲିଲ୍ ବହିକି, ଭାଗ-9, ପୃ-154, ହଦିସ୍ ନଂ-18665, ମକ୍‌ତବତୁଲ୍ ରୁଶ୍‌ଦି)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେଉଁ ମହାବତାର ଜୀବମାନଙ୍କୁ କଷ୍ଟରେ ଦେଖିବାକୁ ପସନ୍ଦ କରନ୍ତି ନାହିଁ ସିଏ ମନୁଷ୍ୟମାନଙ୍କ ଉପରେ ଅତ୍ୟାଚାର କିପରି କରି ପାରିବେ ବା ? ଆଁହଜରତ ସ.ଅଙ୍କ ଉପରେ ଏହି ମିଥ୍ୟାରୋପ କରିବା କି ଆପଣ ସ.ଅ ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଧନସମ୍ପଦ) ପ୍ରାପ୍ତ କରିବା ନିମନ୍ତେ ଯୁଦ୍ଧ କରୁଥିଲେ । ଏହା ସଂପୂର୍ଣ୍ଣ ରୂପେ ନିରାଧାନ ଓ ଭିତ୍ତିହୀନ ଆରୋପ ଅଟେ। ଖୈବର୍ ଯୁଦ୍ଧ ହେଉଛି ସେହି ଯୁଦ୍ଧ ଯେଉଁ ଯୁଦ୍ଧରେ ବାହାରିବା ପୂର୍ବରୁ ଆପଣ ସ.ଅ ଏହି ଘୋଷଣା କରି ଦେଇଥିଲେ ଯେ, ଯିଏ ମାଲେ ଗନିମତ୍ ପ୍ରାପ୍ତି ଆଶାରେ ଖୈବର୍ ଯୁଦ୍ଧରେ ସାମିଲ୍ ହେବାର ଅଭିଳାଷୀ ସେ ଆମ ସହିତ ଆସିବ (ଯିବ) ନାହିଁ। **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-115, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେଉଁ ଅବତାରଙ୍କର ଉଦାହରଣ, ଆଦର୍ଶ ଏପରି ଥିଲା, ତାହାଙ୍କ ସଂପର୍କରେ ଯେତେବେଳେ ଏପରି ବର୍ଣ୍ଣନା ସମ୍ମୁଖକୁ ଆସିଲା ସେତେବେଳେ ନ୍ୟାୟ ଏହା ଚାହେଁ କି ଆମେମାନେ ଭଲ ଭାବରେ ସେହି ବର୍ଣ୍ଣନାଗୁଡ଼ିକୁ ଦେଖିନେବା ଉଚିତ୍ । ସେହିପରି ଆମମାନଙ୍କ ପକ୍ଷେ ଏହା ଉଚିତ୍ କି ଆମେମାନେ ସେହି ବର୍ଣ୍ଣନାର ପୁଙ୍ଖାନୁପୁଙ୍ଖ ତଦନ୍ତ ମଧ୍ୟ କରିନେବା ଉଚିତ୍। ନିଃସନ୍ଦେହ ରୂପେ ପ୍ରଥମ ପ୍ରୟାସ ଏହା ହେବା ଉଚିତ୍ ଯେ, ପ୍ରତ୍ୟେକ ହଦିସ୍ ଏବଂ ପ୍ରତ୍ୟେକ ବର୍ଣ୍ଣନାକୁ ଯଥାସାଧ୍ୟ ସମ୍ମାନ ଦୃଷ୍ଟିରୁ ଦେଖିବା ଉଚିତ୍ । ସେହିପରି ଯଥାସାଧ୍ୟ ସେହି ବିଷୟ ବସ୍ତୁର ଯଦି ସ୍ୱଷ୍ଟୀକରଣ ହୋଇ ପାରିବ ତେବେ ସ୍ୱଷ୍ଟୀକରଣ କରାଯାଉ । କିନ୍ତୁ ସେ ଯାହା ହେଉ ଆଁହଜରତ ସ.ଅଙ୍କ ପବିତ୍ର ଅସ୍ତିତ୍ୱ ଓ ଆପଣ ସ.ଅଙ୍କ ସମ୍ମାନ ସର୍ବୋପରି ସର୍ବ ପ୍ରାଧାନ୍ୟ ପ୍ରଣୀଧାନ ହେବା ଉଚିତ୍ । ଆପଣ ସ.ଅ ତ' ନ୍ୟାୟର ପ୍ରବର୍ତ୍ତକ ଥିଲେ ଓ ସକଳ ଜଗତ ନିମନ୍ତେ ଆପଣ କରୁଣା ଥିଲେ । ତେଣୁ ଆଁହଜରତ ସ.ଅଙ୍କ ସମ୍ମାନ ଓ ମର୍ଯ୍ୟାଦ ବିରୁଦ୍ଧରେ ଯଦି କୌଣସି ବର୍ଣ୍ଣନା ହଦିସ୍‌ରେ ବର୍ଣ୍ଣିତ ହୋଇଛି ତେବେ ସେପରିପ୍ରେକ୍ଷୀରେ ସେହି ବର୍ଣ୍ଣନା ଆଦୌ ସ୍ୱୀକାରଯୋଗ୍ୟ ହୋଇ ପାରିବ ନାହିଁ । ଅପରପକ୍ଷେ ଇତିହାସବିତ୍‌ମାନେ ଏବଂ ଜୀବନୀକାର (ଜୀବନୀ ଲେଖାଳୀମାନେ) ଏହା ମଧ୍ୟ ବର୍ଣ୍ଣନା କରନ୍ତି ଯେ, ଶତାଧିକ, ସହସ୍ର ସହସ୍ର ଆହଦିସ୍ (ଆଁହଜରତ ସ.ଅଙ୍କ ମୁଖ ନିଃସୃତ ବାଣୀ) ଏବଂ ବର୍ଣ୍ଣନାଗୁଡ଼ିକ ପରେ ଲୋକମାନେ ସ୍ୱୟଂ ଆହଦିସ୍ ଓ ବର୍ଣ୍ଣନା ତିଆରି କରି ନେଇଛନ୍ତି । ଏହା ମଧ୍ୟ ସ୍ୱୀକୃତ ସତ୍ୟ ଯେ, ଉକ୍ତ ଷଡ଼ଯନ୍ତ୍ରରେ ଇହୁଦୀମାନଙ୍କର ମଧ୍ୟ ହାତ ରହିଛି । କାରଣ ସେମାନେ ଭୁଲ୍ ବର୍ଣ୍ଣନାଗୁଡ଼ିକ ଉପସ୍ଥାପିତ କରୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ପୁନଶ୍ଚ ଉକ୍ତ ଘଟଣାଟି ଯାହାକି କିନାନା ଏବଂ ତା' ଭାଇର ସଂହାର ସଂପର୍କରେ ବର୍ଣ୍ଣନା କରାଯାଇଛି ସେହି ଘଟଣାର ଉତ୍ତମ ବିଶ୍ଳେଷଣ ଓ ସମୀକ୍ଷା ଆମର ରିସର୍ଚ୍ଚ ସେଲ୍ ଟିମ୍ ମଧ୍ୟ କରିଛି । ଆମର ରିସର୍ଚ୍ଚ ସେଲ୍ ଟିମ୍ ବର୍ଣ୍ଣନାର ପ୍ରକାଶର ଯାହା ବର୍ଣ୍ଣନା କରିଛି ଏବଂ ପ୍ରାଚ୍ୟତତ୍ତ୍ୱବିତ୍ ଯେଉଁ ଆପତ୍ତି କରିଛନ୍ତି ସେହି ଆପତ୍ତିର ଉତ୍ତର ଆମର ରିସର୍ଚ୍ଚ ସେଲ୍ ଟିମ୍ ପ୍ରଦାନ କରିଛି । ଆମ ରିସର୍ଚ୍ଚ ସେଲ୍ ଟିମ୍ ଅତ୍ୟୁତ୍ତମ ଉତ୍ତର ପ୍ରଦାନ କରିଛି । ଆପତ୍ତିକାରୀମାନେ କୁହନ୍ତି: "ଉକ୍ତ ଘଟଣାର ଆଭ୍ୟନ୍ତରୀଣ ସାକ୍ଷ୍ୟ ଏହା ସୂଚାଉଛି ଯେ, ବର୍ଣ୍ଣନାକାରୀଙ୍କୁ ସ୍ଥାନେ ସ୍ଥାନେ ବର୍ଣ୍ଣନା କରିବାକୁ ଯାଇ ଭ୍ରମର ଶିକାର ହୋଇଛନ୍ତି । ସେମାନେ ଭୁଲି ଯାଉଛନ୍ତି ଏବଂ ବିଭିନ୍ନ କଥାକୁ ମିଶାଇ ଚାଲିଛନ୍ତି । ଯଦି ଏପରି କୌଣସି ଘଟଣା ଘଟିଥିବ ତେବେ ଏକ ସାମାନ୍ୟ ତଥା ଛୋଟିଆ କତାଖୁ ବହୁତ ବଡ଼ କରି ଅତିଶୟୋକ୍ତି ପ୍ରୟୋଗ କରି ବିପରୀତ ଢଙ୍ଗରେ ବର୍ଣ୍ଣନା କରାଯାଇଛି । ଉଦାହରଣ ସ୍ୱରୂପ ଇହୁଦୀମାନଙ୍କ ସହିତ ଯେତେବେଳେ ଚୁକ୍ତି ହୋଇଗଲା ଏବଂ ପ୍ରତ୍ୟେକ ପ୍ରକାରର ସର୍ତ୍ତାବଳୀ ନିର୍ଦ୍ଧାରିତ କରିବା ପରେ ସନ୍ଧିପତ୍ର ଉଲ୍ଲିଖିତ କରାଗଲା ସେତେବେଳେ ପୁନଶ୍ଚ କୌଣସି ଗୁପ୍ତନିଧି ଖୋଜିବାଟା ପ୍ରକାଶ୍ୟ ରୂପେ ଏକ ବିଚିତ୍ର କଥା ବୋଲି ମନେହେଉଛି । କାରଣ ଚୁକ୍ତି ଅନୁଯାୟୀ ଇହୁଦୀମାନଙ୍କର କୌଣସି ବସ୍ତୁ ଉପରୁ ବ୍ୟୟ କରିବା ଓ ଉତ୍ତରାଧିକାରୀତ୍ୱ ସମାପ୍ତ ହୋଇଯାଇଥିଲା । କିନ୍ତୁ ଖୈବରର ଭୂମିକୁ ଛାଡ଼ି ଅନ୍ୟ ସମସ୍ତ ବସ୍ତୁ ଓ ସମ୍ପତ୍ତିର ଆଁହଜରତ ସ.ଅଙ୍କ ଉତ୍ତରାଧିକାରୀତ୍ୱ ସମାପ୍ତ ହୋଇ ନଥିଲା ।

ପୁନଶ୍ଚ ଯଦି ସେହି ଗୁପ୍ତ ନିଧି ବା ରାଜକୋଷ ମିଳା ଯାଇଥିଲା ଯେପରିକି ବର୍ଣ୍ଣନାମାନଙ୍କରେ ଚର୍ଚ୍ଚା ହୋଇଛି, ତେବେ ସେହି ଗୁପ୍ତନିଧି କୁଆଡ଼େ ଗଲା ? ଖୈବର୍‌ର ଯେଉଁ ମାଲେ ଗନିମତ୍ ବଣ୍ଟା ହେଲା ସେହି ବଣ୍ଟନର ବିସ୍ତୃତ ବିବରଣୀ ଇତିହାସ ପୁସ୍ତକରେ ବିଦ୍ୟମାନ ରହିଛି । ଘିଅ, ଚର୍ବି, ଖଜୁରୀ, ବସ୍ତ୍ର ପୋଷାକ, ଜିନିଷପତ୍ର, ଗୃହପାଳିତ ପଶୁ, ଖଡ଼୍‌ଗ, ତୀର, ଢାଲ ଇତ୍ୟାଦି । କିନ୍ତୁ କେଉଁଠି ବି ଓ କେଉଁ ସ୍ଥାନରେ ଉକ୍ତ ଚର୍ଚ୍ଚା ହୋଇ ନାହିଁ ଯେ, ଅମକ ବ୍ୟକ୍ତିକୁ ଏତେ ସ୍ୱର୍ଣ୍ଣ ଓ ରୌପ୍ୟ, ହୀରା ମାଣିକ୍ୟ ମିଳିଥିଲା । ନା, ବରଂ ଏହାର ବିପରୀତ ଏହା ଉଲ୍ଲେଖ ଥିବାର ପ୍ରମାଣ ମିଳେ ଯେ, ଖୈବରର ମାଲେ ଗନିମତ୍‌ରେ କୌଣସି ପ୍ରକାରର ସୁନା ଏବଂ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ରୂପା ମିଳିଲା ନାହିଁ । ଉକ୍ତ ବର୍ଣ୍ଣନାଟି ବୁଖାରୀର ଅଟେ ।"

ହୁଜୁର ଅନ୍‌ୱର ଅ.ବ କହିଲେ, ରାଜକୋଷ ବା ନିଧି୍ ସନ୍ଧାନ କରିବା ନିମନ୍ତେ ଯେଉଁ ତଦନ୍ତ କରାଗଲା ସେହି ବର୍ଣ୍ଣନାମାନଙ୍କରେ ଅତ୍ୟନ୍ତ ଭୀଷଣ ମତପାର୍ଥକ୍ୟ ଓ ବ୍ୟାକୁଳିତତା ପ୍ରସଙ୍ଗ ରହିଛି । କେଉଁ ବର୍ଣ୍ଣନାରେ ଏହା ବର୍ଣ୍ଣିତ ହୋଇଛି ଯେ, କିନାନାକୁ ପଚାରାଗଲା, କେଉଁ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, କିନାନା ଓ ତା'ର ଭାଇ ରବିଇ ଦୁହିଁଙ୍କୁ ଡକା ଯାଇଥିଲା ? ସେହିପରି କେଉଁ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଇହୁଦୀକୁ ପଚରାଯାଇଥିଲା ? କେଉଁ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହୁୟଇର ଚଚାକୁ ପଚରାଗଲା । ପୁନଶ୍ଚ ଏହି ସମସ୍ତ ତଦନ୍ତ କରି ସାରିବା ପରେ ଯଦି ଶାସ୍ତି ଦିଆଯିବା ଉଚିତ୍ ଥିଲା ତେବେ ଅନେକ ଲୋକ ଦୋଷୀ ବୋଲି ବିବେଚିତ ହୋଇ ଥାଆନ୍ତେ । କିନ୍ତୁ ବର୍ଣ୍ଣନାନୁଯାୟୀ କେବଳ ଦୁଇ ଜଣ ବ୍ୟକ୍ତିଙ୍କୁ ଶାସ୍ତି ଦିଆଗଲା । ଅର୍ଥାତ୍ କିନାନା ଓ ତା'ର ଭାଇ ରବିଇକୁ । କେତେକ ବର୍ଣ୍ଣନା ମୁତାବକ (ଅନୁଯାୟୀ) କେବଳ କିନାନକୁ ଶାସ୍ତି ଦିଆଯାଇଥିଲା । ବୁଖାରୀରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ହ. ଉମର୍ ର.ଅ ନିଜର ଖି୍ଲାଫତ୍ କାଳରେ ଖୈବର୍‌ରୁ ଇହୁଦୀମାନଙ୍କର ବିତାଡ଼ିତ ବା ନିର୍ବାସିତ କରିବା ନିମନ୍ତେ ଇଚ୍ଛା ବ୍ୟକ୍ତ କଲେ ସେତେବେଳେ ଆପଣ ର.ଅଙ୍କ ନିକଟରେ ଅବୁଲ୍ ହୁକୈକ୍‌ର ଜଣେ ପୁତ୍ର ଆସିଲା । ବୁଖାରୀର ବ୍ୟାଖ୍ୟାକାର ଅଲ୍ଲାମା ଇବ୍‌ନେ ହଜର୍ ଉଲ୍ଲେଖ କରନ୍ତି ଯେ, ହ. ଉମର୍ ର.ଅଙ୍କ ପର୍ଯ୍ୟନ୍ତ କିନାନାର ଭାଇ (ରବିଇ) ଜୀବିତ ରହିଥିଲା । ନିର୍ବାସିତ ହେବା ପରେ ସେ ଖୈବର୍ ଠାରେ ହିଁ ଅବସ୍ଥାନ କରିଥିଲା । ସେଇଥି ପାଇଁ କିନାନାର ଭାଇର ବଧ କଥା ମଧ୍ୟ ଭୁଲ୍ ବୋଲି ପ୍ରମାଣିତ ହୋଇଗଲା । କେତେକ ଜୀବନୀ ଲେଖାଳୀମାନେ ବୁଖାରୀର ଉକ୍ତ ବର୍ଣ୍ଣନାରୁ ଏହା ସାବ୍ୟସ୍ତ କରନ୍ତି ଯେ, କେବଳ କିନାନାକୁ ହିଁ ଶାସ୍ତି ଦିଆଯାଇଥିଲା । **(ଫତ୍‌ହୁଲ୍ ବାରି, ସହି ବୁଖାରୀର ଶରହ୍, ହଦିସ୍ ନଂ-2730, ପ୍ରକାଶନ ସ୍ଥାନ, କଦିମି କୁତୁବ୍ ଖାନାରୁ ଉଦ୍ଧୃତ) (ସିରତୁନ୍ ନବୀ ସ.ଅ, ଲେଖକ- ଶିବଲୀ, ଭାଗ-1, ପୃ-333, ମକ୍‌ତବା ଇସ୍‌ଲାମିୟା) (ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଗଜ୍‌ୱା ଖୈବର୍, ହଦିସ୍ ନଂ-4234)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏହି ସମସ୍ତ ପ୍ରସଙ୍ଗ ଯାହାକି ଉପରୋକ୍ତରେ ବର୍ଣ୍ଣନା କରାଯାଇଛି, ଯେଉଁ ବିରୋଧାଭାସ ରହିଥିଲା ସେହି କାରଣରୁ ଏପରି ସମସ୍ତ ବର୍ଣ୍ଣନା ଯହିଁରେ କୌଣସି ରାଜକୋଷ ପ୍ରାପ୍ତି ନିମନ୍ତେ ଶାସ୍ତିର ଚର୍ଚ୍ଚା କରାଯାଇଛି ସେସବୁ ସନ୍ଦେହଜନକ ବୋଲି ବିବେଚିତ ହୋଇଯାଉଛି । ସେହି ବର୍ଣ୍ଣନାମାନଙ୍କରେ ଏହି ଘଟଣା ମଧ୍ୟ ବର୍ଣ୍ଣିତ ହୋଇଛି ଏବଂ ବାସ୍ତବତା ଏହିକି ଯେ, ଉକ୍ତ ବର୍ଣ୍ଣନା ମୂଳରୁ ହିଁ ଠିକ୍ ନୁହେଁ । ସୁତରାଂ ଏକ ବିଖ୍ୟାତ ଜୀବନୀକାର ଅଲ୍ଲାମା ଶିବ୍‌ଲୀ ନୁମାନୀ ଏହା ଉଲ୍ଲେଖ କରନ୍ତି ଯେ, ଖୈବର ଯୁଦ୍ଧର ଘଟଣାରେ ଜୀବନୀ ଲେଖାଳୀମାନେ ଏକ ଅତି ଭୟଙ୍କର ଭୁଲ୍ ବର୍ଣ୍ଣନାକୁ ଉଲ୍ଲେଖ କରିଛନ୍ତି । ସେହି ଭୁଲ୍ ବର୍ଣ୍ଣନାଟି ଅନେକ ପୁସ୍ତକମାନଙ୍କରେ ଲିପିବଦ୍ଧ ହୋଇ ସ୍ଥାନିତ ହୋଇଯାଇଛି। ଅର୍ଥାତ୍ ବର୍ଣ୍ଣନାଟି ସ୍ୱୀକୃତ ହୋଇଯାଇଛି ଓ ଏହାକୁ ସାମିଲ୍ କରି ନିଆଯାଇଛି। ଆଁହଜରତ ସ.ଅ ଇହୁଦୀମାନଙ୍କୁ ଏହି ସର୍ତ୍ତରେ ଶାନ୍ତି ଏବଂ ସୁରକ୍ଷା ପ୍ରଦାନ କରିଥିଲେ ଯେ, ସେମାନେ କୌଣସି ପ୍ରସଙ୍ଗ ଲୁଚାଇବେ ନାହିଁ । କିନ୍ତୁ କିନାନା ବିନ୍ ରବିଇ ଯେତେବେଳେ ରାଜକୋଷ  ସଂପର୍କରେ କହିବାକୁ ଅସ୍ୱୀକାର କରିଦେଲା ସେତେବେଳେ ଆପଣ ସ.ଅ ହ. ଜୁବୈର୍ ର.ଅଙ୍କୁ ଆଦେଶ ଦେଲେ ଯେ, ସେ କିନାନା ବିନ୍ ରବିଇ ପ୍ରତି କଠୋରତା ପ୍ରଦର୍ଶନ କରନ୍ତୁ ଏବଂ ତା' ଠାରୁ ରାଜକୋଷ ସଂପର୍କରେ ଠିକଣା ତଥା ତଥ୍ୟ ପ୍ରାପ୍ତ କରନ୍ତୁ । ହ. ଜୁବୈର୍ ର.ଅ ଚକ୍‌ମାକ୍ ପଥର ଚଳାଇ ତା'ର ଛାତିକୁ ଚେଙ୍କ ଦେଉଥିଲେ । ହ. ଜୁବୈର୍ ର.ଅ ତା'କୁ ଏତେ ଚେଙ୍କ ଦେଲେ ଯେ, ତା'ର ପ୍ରାଣ ବାୟୁ ବାହାରି ଯାଇଥାଆନ୍ତା । ପରିଶେଷରେ ଆପଣ ସ.ଅ କିନାନାର ସଂହାର କରାଇ ଦେଲେ ଏବଂ ମସସ୍ତ ଇହୁଦୀମାନଙ୍କୁ ଦାସ ଓ ଦାସୀ କରିନେଲେ । ଉକ୍ତ ବର୍ଣ୍ଣନାର ଏତିକି ଅଂଶ ସଠିକ୍ ଅଟେ । କାରଣ କିନାନାର ବଧ କରିଦିଆଗଲା । କିନ୍ତୁ ଏହି କାରଣରୁ ନୁହେଁ ଯେ, ସେ ରାଜକୋଷ ବା ନିଧି୍ ସଂପର୍କରେ କହିବାକୁ ଅସ୍ୱୀକାର କରୁଥିଲା । ବରଂ ଏହି କାରଣରୁ କି କିନାନା ମହ୍‌ମୁଦ୍ ବିନ୍ ମସ୍‌ଲମାଙ୍କୁ ହତ୍ୟା କରିଥିଲା । ତବ୍ରୀରେ ସ୍ୱଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ, ଆପଣ ସ.ଅ ପୁନଶ୍ଚ କିନାନାକୁ ମୁହମ୍ମଦ୍ ବିନ୍ ମସ୍‌ଲମାଙ୍କୁ ହସ୍ତାନ୍ତର କଲେ । ସେ ନିଜର ଭାଇ ମହ୍‌ମୁଦ୍ ବିନ୍ ମସ୍‌ଲମାର ହତ୍ୟା ପ୍ରତିଶୋଧରେ ତା'କୁ ବଧ କରିଦେଲେ। ଅନ୍ୟ ବର୍ଣ୍ଣନାର ଅବସ୍ଥା ଏପରି ଯେ, ଉକ୍ତ ବର୍ଣ୍ଣନାଟି ତବ୍ରୀ ଓ ଇବ୍‌ନେ ହିଶ୍ଶାମ୍ ଉଭୟେ ଇବ୍‌ନେ ଇସ୍‌ହାକ୍‌ଙ୍କ ଠାରୁ ବର୍ଣ୍ଣନା କରିଛନ୍ତି । କିନ୍ତୁ ଇବ୍‌ନେ ଇସ୍‌ହାକ ଉପରୋକ୍ତ କୌଣସି ବର୍ଣ୍ଣନାକାରୀଙ୍କ ନାମୋଲ୍ଲେଖ କରି ନାହାନ୍ତି । ବିଦ୍ୱାନ୍‌ମାନେ ରିଜାଲ୍‌ର ପୁସ୍ତକରୁ ସ୍ୱଷ୍ଟ କରିଛନ୍ତି ଯେ, ଇବ୍‌ନେ ଇସ୍‌ହାକ୍ ଇହୁଦୀମାନଙ୍କ ଠାରୁ ଆଁହଜରତ ସ.ଅଙ୍କ ଯୁଦ୍ଧ ସଂପର୍କିତ ଘଟଣାବଳୀଗୁଡ଼ିକୁ ବର୍ଣ୍ଣନା କରୁଥିଲେ । ଅନେକ ବର୍ଣ୍ଣନା ଇହୁଦୀମାନଙ୍କ ଠାରୁ ଆହରଣ କରିଛନ୍ତି । ଅତଏବ୍ ଉକ୍ତ ବର୍ଣ୍ଣନାକୁ ମଧ୍ୟ ସେହି ବର୍ଣ୍ଣନା ମଧ୍ୟରୁ ଅନ୍ୟତମ ବର୍ଣ୍ଣନା ବୋଲି ମନେକରିବା ଉଚିତ୍ । ସେମାନଙ୍କୁ ବୁଝିବା ଉଚିତ୍ ଯେ, ଇହୁଦୀମାନେ କେବେ ବି ସଠିକ୍ ଓ ସତ୍ୟ କହିବେ ନାହିଁ । ଏହି କାରଣରୁ ଇବ୍‌ନେ ଇସ୍‌ହାକ୍ କୌଣସି ବର୍ଣ୍ଣନାକାରୀଙ୍କ ନାଁ (ପାଟିରେ) ଧରି ନାହାନ୍ତି । କୌଣସି ବ୍ୟକ୍ତିର ଉପରେ ରାଜକୋଷର ଠିକଣା କହିବା ନିମନ୍ତେ ଏତେ କ୍ରୂରତା ଓ କଠୋରତା ପ୍ରଦର୍ଶନ କରିବା ଏବଂ ତା' ଛାତିରେ ଚକ୍‌ମାକ୍ ପଥର ଦ୍ୱାରା ନିଆଁଗୁଣ୍ଡ ପକାଇ ଦିଆଯିବାଟା ରହେମତୁଲ୍ ଲିଲ୍ ଆଲମିନ୍ ସ.ଅଙ୍କ (ସମଗ୍ର ଜଗତ ନିମନ୍ତେ କରୁଣା ଅର୍ଥାତ୍ ହ. ମୁହମ୍ମଦ ସ.ଅ)ଙ୍କ ମର୍ଯ୍ୟାଦା ବିରୁଦ୍ଧୀୟ ଅଟେ । ସେହି ବ୍ୟକ୍ତି ଯିଏ ବିଷ ଆଁହଜରତ ସ.ଅଙ୍କୁ ବିଷ ଦେଇଥିଲା ତା'କୁ ଆପଣ ସ.ଅ ଶାସ୍ତି ଦେଲେ ନାହିଁ । ତେଣୁ କ'ଣ ସେହି ବ୍ୟକ୍ତି ଅର୍ଥାତ୍ ଆଁହଜରତ ସ.ଅ କେଇଟା ମୁଦ୍ରା ସକାଶେ କୌଣସି ବ୍ୟକ୍ତିକୁ ଅଗ୍ନିରେ ଦହନ (ଜଳାଇବା) କରିବାରେ ଆଦେଶ ଦେଇପାରିବେ କି ?

ହୁଜୁର ଅନ୍‌ୱର୍ ଅ.ବ କହିଲ ପ୍ରକୃତ ଘଟଣା ଏହିକି ଯେ, କିନିନାକୁ ଏହି ସର୍ତ୍ତରେ ସୁରକ୍ଷା ଦିଆଯାଇଥିଲା ଯେ, ସେ କୌଣସି ପ୍ରକାରର ସର୍ତ୍ତଭଙ୍ଗ ଓ କୌଣସି ପ୍ରକାରର ପ୍ରତିଶୃତି ବିରୁଦ୍ଧୀୟ ମନ୍ତବ୍ୟ ପ୍ରଦାନ କରିବ ନାହିଁ । ବରଂ ବର୍ଣ୍ଣନାରେ ଏହା ବର୍ଣ୍ଣିତ ହୋଇଛି ଯେ, ସେ ଏହା ମଧ୍ୟ ସ୍ୱୀକାର କରିଥିଲା ଯେ, ସେ ଯଦି ଅଙ୍ଗୀକାର ବା ଚୁକ୍ତି ବିରୁଦ୍ଧୀୟ କୌଣସି ମନ୍ତବ୍ୟ ଦେଲା ତେବେ ତା'କୁ ସଂହାର କରିଦିଆଯାଉ। ସେ ଶାସ୍ତି ଯୋଗ୍ୟ ହେବ । ଅତଏବ୍ କିନାନା ଅଙ୍ଗୀକାର ଭଙ୍ଗ କଲା ଓ ତା'କୁ ଯେଉଁ ସୁରକ୍ଷା ଏବଂ ଶାନ୍ତି ପ୍ରଦାନ କରାଯାଇଥିଲା ତାହା ମଧ୍ୟ ପ୍ରତ୍ୟାହାର କରି ନିଆଗଲା। କିନାନା ମହ୍‌ମୁଦ୍ ବିନ୍ ମସ୍‌ଲମାକୁ ହତ୍ୟା କରିଥିଲା । ବର୍ତ୍ତମାନ ମହ୍‌ମୁଦ୍ ବିନ୍ ମସ୍‌ଲମାଙ୍କ ରକ୍ତର ପ୍ରତିଶୋଧ ସ୍ୱରୂପ କିନାନା ଠାରୁ ମଧ୍ୟ ପ୍ରତିଶୋଧ ନିଆଯିବ । ତେଣୁ କିନାନାକୁ ପ୍ରତିଶୋଧ ସ୍ୱରୂପ ବଧ କରିଦିଆଗଲା । ପ୍ରଥମେ ତ' ସମ୍ଭବତଃ ତା'କୁ କ୍ଷମା କରିଦିଆ ଯାଇଥାଆନ୍ତା । କିନ୍ତୁ ସେ ଯେତେବେଳେ ଆଉ ଏକ ସ୍ଥାନରେ ଏବଂ ଆଉ ଏକ ଅବସରରେ ସର୍ତ୍ତ ଏବଂ ଅଙ୍ଗୀକାର ଭଙ୍ଗ କଲା ସେହି କାରଣରୁ ତା'କୁ ଶାସ୍ତି ମିଳିଲା । **(ସିରତୁନ୍ ନବୀ ସ.ଅ, ଲେଖକ- ଶିବ୍‌ଲୀ, ଭାଗ-1, ପୃ-284-285, ମକ୍‌ତବା ଇସ୍‌ଲାମିୟା)**

ସାଂପ୍ରତିକ କାଳର ସୟେଦ୍ ବର୍କାତ୍ ଅହେମଦ ସାହେବ ନାମକ ଜନୈକ (ଜଣେ) ଅହେମଦି ଲେଖକ ନିଜର ପୁସ୍ତକ "**ରସୁଲେ ଅକ୍ରମ୍ ଔର୍ ୟହୁଦେ ହିଜାଜ୍**"ରେ ଉଲ୍ଲେଖ କରନ୍ତି ଯେ, "ଇବ୍‌ନେ ଇସ୍‌ହାକ୍ ବିନ୍ କୌଣସି ସନନ୍ଦ୍ ଏବଂ ବିନା କୌଣସି ପ୍ରମାଣରେ ଗୋଟିଏ ଘଟଣା ବର୍ଣ୍ଣନା କରିଛନ୍ତି । ତେଣୁ ଉକ୍ତ ଘଟଣାଟି ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ । **ପ୍ରଥମତଃ-** ଶାସ୍ତି ଦେବା ଏବଂ ତାହା ପୁଣି ଅଗ୍ନିର ଶାସ୍ତି ଇସ୍‌ଲାମୀୟ ଶିକ୍ଷା ବିରୁଦ୍ଧୀୟ ଅଟେ । **ଦ୍ୱିତୀୟତଃ-** ସଂପୂର୍ଣ୍ଣ ଖୈବର୍‌ର ମାଲେ ଗନିମତ୍‌ରୁ ପ୍ରାପ୍ତ ହୋଇଥିବା ସେହି ରାଜକୋଷ ବଣ୍ଟନର କୌଣସି ଚର୍ଚ୍ଚା ମିଳେ ନାହିଁ ଓ ନା ହିଁ ସେହି ରାଜକୋଷ ବୈତୁଲ୍ ମାଲ୍ ପାଣ୍ଠିରେ ପ୍ରବିଷ୍ଟ (ଜମା ହେବା)ହେବାର କୌଣସି ବର୍ଣ୍ଣନା ଉପସ୍ଥିତ ଅଛି ? ଇବ୍‌ନେ ଇସ୍‌ହାକ୍ ହିଁ ନୁହନ୍ତି ବରଂ ଅନ୍ୟ ପ୍ରାଚୀନତମ ସ୍ରୋତରେ ମଧ୍ୟ ଖୈବର୍‌ର ମାଲେ ଗନିମତ୍‌ରେ ନଗଦ ସୁନା ରୂପା କିମ୍ବା ଏହି ପ୍ରକାରର ଅନ୍ୟ ବହୁମୂଲ୍ୟ ଜିନିଷର କୌଣସି ଚର୍ଚ୍ଚା ମିଳେ ନାହିଁ ।"ସମସ୍ତ ବର୍ଣ୍ଣନା, ଜିନିଷ ପତ୍ର, ବସ୍ତ୍ର କିମ୍ବା ଅସ୍ତ୍ରଶସ୍ତ୍ର ଇତ୍ୟାଦି ସଂପର୍କିତ ଅଟନ୍ତି । ହ. ଅବୁ ହୁରୈରାହ୍ ର.ଅ ଯିଏ ଖୈବର୍ ଯୁଦ୍ଧରେ ଆଁହଜରତ ସ.ଅଙ୍କ ସହିତ ଥିଲେ, ସେ କହୁଥିଲେ ଯେ, ଆମେମାନେ ଖୈବର୍ ଜୟ ତ' କରିନେଲୁ । କିନ୍ତୁ ମାଲେ ଗନିମତରେ ଆମମାନଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ (ସୁନା ଓ ରୂପା) ମିଳିଲା ନାହିଁ । **(ରସୁଲେ ଅକ୍ରମ୍ ଔର୍ ୟହୁଦେ ହିଜାଜ୍, ଅନୁବାଦକ- ବର୍କାତ୍ ଅହେମଦ ସାହେବ, ପୃ-162-163, ମକତବା, ଯାମିୟା ଲିମିଟେଡ୍ ନିଉ ଦିଲ୍ଲୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସମସ୍ତ ଘଟଣାର ସାରାଂଶ ଏହିକି ଯେ, କିନାନା ବିନ୍ ରବିଇ ବଧ ହେଲା ବର୍କାତ୍ ଅହେମଦ ସାହେବ କିନ୍ତୁ କୁହନ୍ତି ଯେ, ତା' ସଂହାରର କାରଣ ମୁସଲମାନ ସେନାପତିର ହତ୍ୟା ଥିଲା ଅର୍ଥାତ କିନାନା ମୁସଲମାନ ସେନାପତିକୁ ହତ୍ୟା କିରଥିବା ହେତୁ ତା'ର ଶାସ୍ତି ଏହା ଥିଲା କି ସେ ମଧ୍ୟ ନିହତ ହେବ । ସେହି ଶହୀଦ୍ ହୋଇଥିବା ମୁସଲମାନ ସେନାପତିର ପ୍ରତିଶୋଧ ସ୍ୱରୂପ କିନାନା ନିଜେ  ନିହତ ହେଉ । ତେଣୁ ଏହା ହିଁ ପ୍ରକୃତ ସତ୍ୟ ଅଟେ । ହୁଜୁର ଅନ୍‌ୱର୍ ଅ.ବ କହିଲେ ଉପରୋକ୍ତରେ ବର୍ଣ୍ଣିତ ଘଟଣାବଳୀ ବର୍ତ୍ତମାନ ଜାରି ରହିଛି। ଏଠାରେ ଉପରୋକ୍ତ ଘଟଣାବଳୀ ମଧ୍ୟରେ ଜନୈକା (ଜଣେ) ଇହୁଦୀ ମହିଳାର ଚର୍ଚ୍ଚା ମଧ୍ୟ


**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ରହିଛି । ସେହି ମହିଳା ଆଁହଜରତ ସ.ଅଙ୍କୁ ବିଷ ଦେବା ନିମନ୍ତେ ଉଦ୍ୟମ କରିଥିଲା । ସେହି ମହିଳା ଆଁହଜରତ ସ.ଅଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିଥିଲା । କିନ୍ତୁ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସୁରକ୍ଷିତ ରଖିଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେହେତୁ ଉକ୍ତ ଘଟଣାଟି ଅତି ବିସ୍ତୃତମୂଳକ ଅଟେ । ତେଣୁ ଏହାର ସବିଶେଷ ବିବରଣୀ **ଇନ୍‌ଶାଅଲ୍ଲାଃ** ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ଜଣେ ମୃତକଙ୍କର ଉତ୍ତମ ଚର୍ଚ୍ଚା କରିବି । ନମାଜ୍ ଜୁମା ପରେ ମୁଁ ତାଙ୍କର ନମାଜ୍ ଯନାଜାଃ ଗାଏବ୍ (ଅନୁପସ୍ଥିତ) ପାଠ କରାଇବି । ସେହି ମୃତକ ଜଣକ ହେଲେ ଶରୀଫ୍ ଅହେମଦ ସାହେବଙ୍କ ସୁପୁତ୍ର ସମ୍ମାନନୀୟ ସ୍ୱର୍ଗତ ମାଷ୍ଟର୍ ମନ୍‌ସୁର୍ ଅହେମଦ ସାହେବ କାହଲୋଁ । ଆଜିକାଲି ଆପଣ ଅଷ୍ଟ୍ରେଲିୟାରେ ରହୁଥିଲେ । ବିଗତ ଦିନ ତାଙ୍କର ବିୟୋଗ ହୋଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ସ୍ୱର୍ଗତ ମାଷ୍ଟର୍ ମନ୍‌ସୁର୍ ଅହେମଦ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ତଥା ଚହୁର୍ ଅଞ୍ଚଳର ଅଧିବାସୀ ସ୍ୱର୍ଗତ ଚୌଧୁରୀ ସର୍ଦ୍ଦାର୍ ଖାନ୍ ସାହେବଙ୍କର ପୌତ୍ର ଥିଲେ । ଆପଣ ରବ୍‌ୱାରେ ଶିକ୍ଷା ପ୍ରାପ୍ତ କରିଥିଲେ । ଆପଣ ଆବାଲ୍ୟ ଧର୍ମସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସିନ୍ଧ୍ ସ୍ଥିତ ବଶୀରାବାଦ୍ ତାଲିମୁଲ୍ ଇସ୍‌ଲାମ୍ ସ୍କୁଲରୁ ନିଜର କର୍ମମୟ ଅର୍ଥାତ୍ ଚାକିରୀ ଜୀବନ ଆରମ୍ଭ କରିଥିଲେ । ପ୍ରାୟ 35 ବର୍ଷ ପର୍ଯ୍ୟନ୍ତ ଆପଣ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷା ବିଭାଗ ସହିତ ଜଡ଼ିତ ରହିଥିଲେ । ବଶୀରାବାଦ୍‌ରେ ମଧ୍ୟ ସ୍ୱର୍ଗତ ମାଷ୍ଟର୍ ମନ୍‌ସୁର୍ ଅହେମଦ ସାହେବଙ୍କୁ ସେବା କରିବାର ସାମର୍ଥ୍ୟ ଲାଭ ହୋଇଥିଲା। ଆପଣ ଖୁଦ୍ଦାମୁଲ୍ ଅହେମଦିୟାର କାଏଦ୍ ମଧ୍ୟ ଥିଲେ । ଆପଣ ସଦର୍ ଜମାଅତ୍ ମଧ୍ୟ ଥିଲେ, ଜୁବ୍‌ଲୀ ଫଣ୍ଡରେ ସେବା କରିବାକୁ ମଧ୍ୟ ଆପଣଙ୍କୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଆପଣ ଦକ୍ଷିଣ ଭାରତର ରାଜ୍ୟ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦ୍ ଠାରେ ସ୍ଥାନୀୟ ଅମୀର୍ ରୂପେ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ସ୍ୱର୍ଗତଙ୍କର ଏହି ପନ୍ଥା ଥିଲା ଯେ, ସ୍ୱର୍ଗତ ନିଜ କାମ ସାରିବା ପରେ ତୁରନ୍ତ ମସ୍‌ଜିଦ୍ ଆସୁଥିଲେ ଏବଂ ସେଠାରେ ସମସ୍ତ କାମ କରୁଥିଲେ । ମଗ୍‌ରିବ୍‌ର ନମାଜ୍ ପରେ ଘରକୁ ଯାଉଥିଲେ। ବେଳେବେଳେ ଘରକୁ ଗଲା ବେଳକୁ ଆପଣଙ୍କୁ ଅଧିକ ବିଳମ୍ବ ହୋଇଯାଉଥିଲା । ଆପଣ ଘରେ ବିଳମ୍ବରେ ପହଞ୍ଚୁଥିଲେ । ଖିଲାଫତ୍ ସହିତ ସ୍ୱର୍ଗତ ମାଷ୍ଟର ମନସୁର୍ ଅହେମଦ ସାହେବଙ୍କର ଅନାବିଳ ଓ ନୈସର୍ଗିକ ପ୍ରେମ ସଂପର୍କ ରହିଥିଲା । ଖଲିଫାଙ୍କ ପ୍ରତ୍ୟେକ ସ୍ୱରକୁ ଆପଣ ଲବ୍‌ବୈକ୍ କହୁଥିଲେ । ଆପଣ ଅଭାବି ଓ ଦୀନ ଦରିଦ୍ର ବ୍ୟକ୍ତିଙ୍କୁ ସାହାଯ୍ୟ କରୁଥିଲେ। ଆପଣ ଜଣେ ସହାନୁଭୂତି ପ୍ରିୟ ଏବଂ ସହାନୁଭୂତି ପ୍ରଦର୍ଶନକାରୀ ବ୍ୟକ୍ତି ଥିଲେ। ସେହିପରି ଆପଣ ଜଣେ ଅତିଥି ସତ୍କାରକ ଏବଂ ଜଣେ ବଦାନ୍ୟ ଓ ଉଦାର ବ୍ୟକ୍ତି ଥିଲେ । ଅନେକ ପ୍ରିୟଜନମାନଙ୍କୁ ନିଜ ଘରେ ରଖି ଶିକ୍ଷା ପ୍ରଦାନ କରିଥିଲେ । ତାଙ୍କର ଶିଷ୍ୟମାନଙ୍କ ମଧ୍ୟରେ ମୁବଲ୍ଲିଗିନ୍‌ମାନେ ମଧ୍ୟ ଅଛନ୍ତି, ଡାକ୍ତରମାନେ ମଧ୍ୟ ରହିଛନ୍ତି ଓ ଇଞ୍ଜିନିୟର୍‌ମାନେ ମଧ୍ୟ ରହିଛନ୍ତି । ଆପଣଙ୍କ ଶିଷ୍ୟମାନେ ନାନା ଦେଶରେ ବ୍ୟାପୀ ଯାଇଛନ୍ତି । ସ୍ୱର୍ଗତ ମାଷ୍ଟର୍ ମନ୍‌ସୁର୍ କାହଲୋଁ ସାହେବ ଓସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ପତ୍ନିଙ୍କ ବ୍ୟତୀତ ଗୋଟିଏ କନ୍ୟା ସନ୍ତାନ ଏବଂ 5 ଜଣ ପୁତ୍ର ସନ୍ତାନ ଅଛନ୍ତି ।

ମୁବଶ୍ଶିର୍ ଅହେମଦ ଗୋନ୍ଦଲ୍ ସାହେବ ଯିଏ ଏଠାରେ କାର୍ଯ୍ୟାଳୟର କର୍ମଚାରୀ ଅଟନ୍ତି ଏବଂ ୟୁ.କେ ଜମାଅତ୍‌ର ଅମୀର୍ ସାହେବ ମଧ୍ୟ ଅଟନ୍ତି । ଅତଏବ୍ ଏହି ହିସାବରେ ସ୍ୱର୍ଗତ ମାଷ୍ଟର ମନସୁର ସାହେବ ମୁବଶ୍ଶିର ଗୋନ୍ଦଲ୍ ସାହେବଙ୍କର ସଢୁ ଥିଲେ । ସ୍ୱର୍ଗତ ମାଷ୍ଟର୍ ମନ୍‌ସୁର୍ ସାହେବଙ୍କ ସୁପୁତ୍ର ଉସ୍ୱାମା କୁହନ୍ତି: "ଯେବେଠାରୁ ମୁଁ ଚୈତନ୍ୟାବସ୍ଥା ଫେରି ପାଇଛି ଅର୍ଥାତ୍ ସାବାଳକ ହୋଇଛି ସେବେଠାରୁ ମୁଁ ନିଜ ପିତାଶ୍ରୀଙ୍କୁ ମସ୍‌ଜିଦ୍ ସହିତ ଓ ଜମାଅତ୍ ସହିତ ଏକ ଦୃଢ଼ ସଂପର୍କ ରଖିଥିବାର ଦେଖିବାକୁ ପାଇଛି । ଏମିତି କୌଣସି ଦିନ ନଥିଲା ଯେଉଁ ଦିନ ଆପଣ ମସ୍‌ଜିଦ୍ ଯାଇ ନଥିବେ । ଆପଣ କାର୍ଯ୍ୟାଳୟରେ ନିୟମିତ ଉପସ୍ଥିତ ରହୁଥିଲେ । ବିନା କୌଣସି ସମସ୍ୟା ବା କାରଣରେ ଓ ଅସୁବିଧାରେ ଆପଣ କେବେ ବି କାର୍ଯ୍ୟାଳୟ ଯିବା ବନ୍ଦ୍ କରି ନାହାନ୍ତି । ଜମାଅତ୍‌ର ସଦସ୍ୟମାନଙ୍କୁ ମଧ୍ୟ ଏକଥା ଜଣା ଥିଲା ଯେ, ପିତାଶ୍ରୀ ମସ୍‌ଜିଦ୍‌ରେ ହିଁ ମିଳିବେ । ମର୍କଜି ଅତିଥିମାନଙ୍କୁ ଆପଣ ବହୁତ ସମ୍ମାନ ଜଣାଉଥିଲେ ଏବଂ ସେମାନଙ୍କର ସେବା ମଧ୍ୟ କରୁଥିଲେ । ଆପଣ ଅଷ୍ଟ୍ରେଲିୟା ସ୍ଥାନାନ୍ତରିତ ହୋଇଯାଇଥିଲେ । ପରିସ୍ଥିତି ଯୋଗୁଁ ଆପଣ ଅଷ୍ଟ୍ରେଲିୟା ସ୍ଥାନାନ୍ତରିତ ହୋଇଥିଲେ । ଏଠାକୁ ଆସିବା ପରେ ମଧ୍ୟ ଆପଣ ଜମାଅତ୍‌ର ସେବା କରୁଥିଲେ ଏବଂ ପ୍ରତ୍ୟେକ ଆର୍ଥିକ ତେହ୍‌ରିକ୍ (ଅହ୍ୱାନ)ରେ ପିତାଶ୍ରୀ ଅଂଶ ଗ୍ରହଣ କରୁଥିଲେ। ଆପଣ କେବଳ ଅଷ୍ଟ୍ରେଲିୟାର ଆର୍ଥିକ ତେହ୍‌ରିକରେ ଅଂଶ ଗ୍ରହଣ କରି ନଥିଲେ ବରଂ ପାକିସ୍ତାନର ଆର୍ଥିକ ଆହ୍ୱାନରେ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ଅଷ୍ଟ୍ରେଲିୟାରେ ମଧ୍ୟ ଲୋକମାନଙ୍କ ସହିତ ସଂପର୍କର ପରିଧିକୁ ଆପଣ ସଂପ୍ରସାରିତ ଓ ବ୍ୟାପକ କରିଥିଲେ। ଆପଣ ଖୁବ୍ ଶୀଘ୍ର ଲୋକମାନଙ୍କୁ ନିଜର କରି ନେଉଥିଲେ । ପିତାଶ୍ରୀ ଅଷ୍ଟ୍ରେଲିୟାର ସ୍ଥାନୀୟ ଜମାଅତ୍‌ରେ ସେକ୍ରେଟାରୀ ତାଲିମୁଲ୍ କୁରଆନ୍ ଥିଲେ । ସେହିପରି ଆପଣ ସେକ୍ରେଟାରୀ ତର୍ବିୟତ୍ (ସଂସ୍କାର) ଭାବରେ ମଧ୍ୟ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ଜଣେ ବିନୀତ ସ୍ୱଭାବ ତଥା ବିନୀତ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଏବଂ ସେବା ମନୋବୃତ୍ତି ରଖି ସେବା କରୁଥିଲେ ଏବଂ ସେବା କରିବାର ଉତ୍ସାହ ଦ୍ୱାରା ଆପଣ ପରିପୂର୍ଣ୍ଣ ଥିଲେ । ଅଲ୍ଲାତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ସେହିପରି ଅଲ୍ଲାଃତାଲା ସ୍ୱର୍ଗତଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ସ୍ୱର୍ଗତଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । **(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 07 ମାର୍ଚ୍ଚ 2025 ମସିହା, ପୃ-2-6)** ☆ ☆ ☆

## ପୃ-2ରେ ବର୍ଣ୍ଣିତ ଖୁତବା ଜୁମାର ଅବଶିଷ୍ଟାଂଶ....

ନେବାର ଶକ୍ତି ଓ ସାମର୍ଥ୍ୟ ରହିଥିଲା ଅଲ୍ଲାଃତାଲା ସ୍ୱର୍ଗତଙ୍କୁ ନାନା ସାମର୍ଥ୍ୟତା ଏବଂ ଦକ୍ଷତା ଦ୍ୱାରା ସମ୍ମାନିତ ଏବଂ ପୁରୁସ୍କୃତ କରିଥିଲେ । ଅଞ୍ଜୁମନ୍‌ର ନିୟମାବଳୀର ଯେତେବେଳେ ପୁନରାବଲୋକନ ହେଲା ସେତେବେଳେ ମଧ୍ୟ ଆପଣ କମିଟିରେ ଥିଲେ ଏବଂ ସିଧା ସଳଖ ଓ ସ୍ୱଷ୍ଟ ମତ ପ୍ରଦାନ କରୁଥିଲେ ।

କରାଚୀର ଇନ୍‌ସ୍ପେକ୍ଟର ବୈତୁଲ୍ ମାଲ୍ ସୈୟେଦ୍ ଦାଉଦ୍ ଅହେମଦ ସାହେବ କୁହନ୍ତି: "ବିନୀତ ଦୀର୍ଘ 23 ବର୍ଷ କାଳ ଶେଖ୍ ମୁବାରକ୍ ସାହେବଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିଛି । ଆପଣ ଅତ୍ୟନ୍ତ ପ୍ରେମପୂର୍ଣ୍ଣ ଢଙ୍ଗରେ ଆମମାନଙ୍କ ଠାରୁ କାମ ଆଦାୟ କରୁଥିଲେ । ଆମେମାନେ ଯେଉଁଠି ବି ଭୁଲ୍ କରୁଥିଲୁ ସେଠାରେ ଆପଣ ଆମମାନଙ୍କୁ ବୁଝାଉଥିଲେ । ସେହିପରି ଆମେମାନେ ଯେଉଁଠି ଭଲ କାମ କରୁଥିଲୁ ସେଠାରେ ଆପଣ ଆମମାନଙ୍କୁ ଉତ୍ସାହିତ ମଧ୍ୟ କରୁଥିଲେ । କାର୍ଯ୍ୟାଳୟର ପ୍ରତ୍ୟେକ କର୍ମଚାରୀ ଏହା ମନେକରୁଥିଲା ଯେ, ଶେଖ୍ ମୁବାରକ ସାହେବଙ୍କ ସହିତ ତା'ର ବିଶେଷ ସଂପର୍କ ରହିଛି । ପ୍ରତ୍ୟେକ କର୍ମଚାରୀର ପାରିବାରିକ ଏବଂ କର୍ମ କ୍ଷେତ୍ରରେ ଥିବା ସମସ୍ୟା ଉପରେ ଆପଣ ନଜର ରଖୁଥିଲେ ଏବଂ ଯଥା ସମ୍ଭବ ସେମାନଙ୍କୁ ସାହାଯ୍ୟ କରୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଶେଖ୍ ମୁବାରକ୍ ଅହେମଦ ସାହେବଙ୍କର 6ଟି କନ୍ୟା ସନ୍ତାନ ଏବଂ ଗୋଟିଏ ପୁତ୍ର ସନ୍ତାନ ଅଛନ୍ତି । ଅଲ୍ଲାଃତାଲା ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ସେହିପରି ସ୍ୱର୍ଗତଙ୍କ ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସ୍ୱର୍ଗତଙ୍କ ସନ୍ତାନ ସନ୍ତତିଙ୍କୁ ସାମର୍ଥ୍ୟ ମଧ୍ୟ ପ୍ରଦାନ କରନ୍ତୁ । ଆମିନ୍ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଲା ସମ୍ମାନନୀୟ ସ୍ୱର୍ଗତ ମୁନୀର୍ ଉଦଲ୍‌ବୀ ସାହେବଙ୍କର । ବିଗତ ଦିନ 76 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ମୁନୀର୍ ସାହେବଙ୍କର 3ଟି ପୁତ୍ର ସନ୍ତାନ ଏବଂ ଗୋଟିଏ କନ୍ୟା ସନ୍ତାନ ଅଛନ୍ତି । ଏମାନେ ସମସ୍ତେ କତର୍ ଠାରେ ଅବସ୍ଥାନ (ବାସ) କରନ୍ତି ।

ମୁସଲିମ୍ ଦରୁବୀ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ମୁନୀର୍ ସାହେବଙ୍କ ମାଧ୍ୟମରେ ମୁଁ ଏବଂ ମୋର ଭାଇ ଅହେମଦିୟତ୍ ସ୍ୱୀକାର କରିଛୁ । ସ୍ୱର୍ଗତ ମୁନୀର ସାହେବ ଜଣେ ସକ୍ରିୟ ମୁବଲ୍ଲିଗ୍, ସୁବକ୍ତା, ବିଦ୍ୱାନ୍ ଏବଂ ଅହେମଦିୟତ୍ ପ୍ରଚାର ସମ୍ବଳିତ ବିଦ୍ୟାର ଜଣେ ଉତ୍କୃଷ୍ଟ ଲେଖକ ଥିଲେ । 1984 ମସିହାର ପ୍ରାରମ୍ଭରେ ଆପଣ ବୈଅତ୍ କରିଥିଲେ । ଆପଣ ଯେତେବେଳେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ସହିତ ସାକ୍ଷାତ୍ କଲେ ସେତେବେଳେ ସାକ୍ଷାତ୍ ପରେ ଆପଣ ଲଣ୍ଡନରେ ଦୀର୍ଘ କାଳ ଅବସ୍ଥାନ କଲେ ଓ ଏମ୍.ଟି.ଏରେ ପ୍ରସାରିତ କାର୍ଯ୍ୟକ୍ରମ "**ଲିକା ମାଆଲ୍ ଅରବ୍**"ର କିଛି କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟା କାର୍ଯ୍ୟକ୍ରମର ଅନୁବାଦ ମଧ୍ୟ ଆପଣ କରିଛନ୍ତି । ଆପଣ 10ରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି ଯହିଁରେ 7ଟି ପୁସ୍ତକ ଜମାଅତ୍ ଅହେମଦିୟାର ପ୍ରଚାର ସମ୍ବଳିତ ବିଷୟବସ୍ତୁ ମଧ୍ୟ ରହିଛି । ଆପଣ ବହୁ ବିଳମ୍ବରେ ଜମାଅତ୍‌ରେ ଆସି ସାମିଲ୍ ହେଲେ କିନ୍ତୁ ଅନେକ କାମ ଆପଣ ସମ୍ପାଦନ କରି ଯାଇଛନ୍ତି । ସିରୀୟା ଜମାଅତ୍‌ର ସେକ୍ରେଟାରୀ ତବ୍‌ଲିଗ୍ ଏବଂ ସେକ୍ରେଟାରୀ ତାଲିମ୍ ଓ ତର୍ବିୟତ୍ ରୂପେ ଆପଣ ସେବା କରିଥିଲେ (କର୍ତ୍ତବ୍ୟ ନିର୍ବାହ) କରିଥିଲେ। ଦ୍ୱାଦଶରୁ ଉର୍ଦ୍ଧ୍ୱ ଲୋକ ଆପଣଙ୍କ ମାଧ୍ୟମରେ ବୈଅତ୍ କରିଛନ୍ତି । ଆରବର ଦୂରବର୍ତ୍ତୀ ଗ୍ରାମାଞ୍ଚଳରେ ଅହେମଦିୟତ୍ ଆପଣ ମହୋଦୟଙ୍କ ମାଧ୍ୟମରେ ଆସିଅଛି। ଏହି କାରଣରୁ ଅହେମଦିୟତ୍ ବିରୋଧୀମାନେ ଏକଦା ସ୍ୱର୍ଗତଙ୍କ କାର୍‌ରେ ନିଆଁ ଲଗାଇ ଦେଇଥିଲେ । ସ୍ୱର୍ଗତଙ୍କର ମୁନାଜରା (ବାକ୍ୟୁଦ୍ଧ) ଏବଂ ପ୍ରଚାରିକ ସଭା ଯୋଗୁଁ ସରକାରଙ୍କ ନିକଟରେ ସ୍ୱର୍ଗତଙ୍କ ବିରୁଦ୍ଧରେ ଅଭିଯୋଗ କରାଗଲା। ଯଦ୍ଦ୍ୱାରାକି ଆପଣ ସେହି ଆରବ୍ୟ ବସ୍ତିରୁ କେତେକ ସଦସ୍ୟଙ୍କ ସହିତ 1989 ମସିହାରେ ପୂର୍ବତନ ସରକାରଙ୍କ କାରାଗାରରେ ଅନେକ ମାସ ପର୍ଯ୍ୟନ୍ତ ବନ୍ଦୀ ହୋଇ ରହିଥିଲେ। ସିରୀୟାର ପରିସ୍ଥିତି ଅତି ଶୋଚନୀୟ ହେବା ପରେ ଆପଣ ନିଜର ସନ୍ତାନମାନଙ୍କ ସହିତ କତର୍ ଚାଲିଗଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସିରୀୟାର ସଦର୍ ଜମାଅତ୍ ସମ୍ମାନନୀୟ ଶ୍ରୀଯୁକ୍ତ ୱସିମ୍ ଅହେମଦ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ମୁନୀର୍ ସାହେବ ଅନେକ ପୁସ୍ତକ ରଚନା କରିଛନ୍ତି । ସେହି ସବୁ ପୁସ୍ତକରୁ ଅହେମଦିୟତ୍ ପାଠାଗାର ମାଲାମାଲ ହେଲା । ଅହେମଦି ଶିକ୍ଷାକୁ ସେ ସରଳ ଢଙ୍ଗରେ ସ୍ୱଷ୍ଟ ରୂପେ ଉପସ୍ଥାପିତ କଲେ । ତାଙ୍କ ଯୋଗୁଁ ଅନେକ ଲୋକମାନେ ଅହେମଦିୟତ୍‌ରେ ପ୍ରବିଷ୍ଟ ହୋଇଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବାସିଲ୍ ଅଦଲ୍‌ବି ସାହେବ କୁହନ୍ତି: "ସ୍ୱର୍ଗତ ମୁନୀର୍ ସାହେବ ନିଜର ସମଗ୍ର ଜୀବନ ଅହେମଦିୟତ୍‌ର ସେବାରେ ଅତିବାହିତ କରିଦେଲେ ଏବଂ ଆପଣ ଜଣେ ନୈଷ୍ଠିକ ଖିଲାଫତ୍ ପ୍ରେମୀ ଥିଲେ । ହ. ଖଲିଫତୁଲ୍

ମସିହ୍ ରାବେ ର.ଅଙ୍କ ସକାଶେ ସେ ଇଂରାଜୀରୁ ଆରବୀ ଭାଷାରେ ଅନୁବାଦକ କାର୍ଯ୍ୟ କରିଥିଲେ। ସ୍ୱର୍ଗତ ମୁନୀର୍ ଅହେମଦ ସାହେବ ଅହେମଦି ଜମାଅତ୍‌ର ଜଣେ ବୀର ଯୋଦ୍ଧା ଥିଲେ । ଆପଣ ଅହେମଦିୟତ୍‌ର ତବଲିଗ୍ (ପ୍ରଚାର) ଏବଂ ପ୍ରକାଶନ ସକାଶେ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ ଏବଂ ସିରୀୟାରେ ଉପସ୍ଥିତ ଅନେକ ଅହେମଦିମାନଙ୍କ ମାର୍ଗଦର୍ଶନର କାରଣ ସାଜିଥିଲେ । ତବ୍‌ଲିଗ୍ ନିମନ୍ତେ ସେ ବିଭିନ୍ନ ରାଷ୍ଟ୍ରମାନଙ୍କର ଯାତ୍ରା ମଧ୍ୟ କରିଥିଲେ । 2013 ମସିହାରେ ସିରୀୟା ସଂକଟ ଯୋଗୁଁ ଆପଣ କତର ଠାକୁ ସ୍ଥାନାନ୍ତରିତ ହୋଇଗଲେ ଏବଂ ସେଠାରେ ଫେସ୍‌ବୁକରେ ଅହେମଦିୟତ୍ ଓ ଖିଲାଫତ୍ ସଂପର୍କରେ ଆଲେଖ୍ୟମାନ ଲେଖୁଥିଲେ। ଅହେମଦିୟତ୍ ଓ ଖିଲାଫତ୍ ସହିତ ରୁଚି ରଖୁଥିବା ଲୋକମାନଙ୍କ ସଂସ୍ପର୍ଶରେ ଆପଣ ରହୁଥିଲେ । ଆପଣ ଜଣେ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବକ୍ତା ଥିଲେ ଓ ପବିତ୍ର କୁରଆନ୍ ତଥା ସୁନ୍ନତ୍ (ଆଁହଜରତ୍ ସ.ଅଙ୍କ କାର୍ମିକ ପରମ୍ପରା)ରୁ ହ. ମସିହ୍ ମଉଦ୍ ଅ.ସଙ୍କର ସନ୍ଦେଶର ସତ୍ୟତାର ପ୍ରମାଣ ଓ ସାକ୍ଷ୍ୟ ଉପରେ ଗଭୀର ଦୃଷ୍ଟି ରଖୁଥିଲେ। ସେ ଖିଲାଫତ୍‌ର ମାହାତ୍ମ୍ୟ ଏବଂ ଖିଲାଫତ୍‌ର ଆତ୍ମରକ୍ଷାରେ ଇଂରାଜୀରୁ ଆରବୀ ଭାଷାରେ ଅସଂଖ୍ୟ ପୁସ୍ତକର ଅନୁବାଦ ମଧ୍ୟ କରିଛନ୍ତି । ସେ ନିଜର ଅସ୍ତିତ୍ୱ, ଭାଷା, କଲମ ଲେଖନୀ ଓ ଜୀବନକୁ ଅହେମଦିୟତ୍‌ର ପ୍ରଚାର ଏବଂ ଆତ୍ମରକ୍ଷା ନିମନ୍ତେ ଉତ୍ସର୍ଗ କରି ଦେଇଥିଲେ । ନିଜର ମତ ତଥା ଆସ୍ଥା ଓ ହ. ମସିହ୍ ମଉଦ୍ ଅ.ସଙ୍କ ବାର୍ତ୍ତାର ସତ୍ୟତା ଉପରେ ବିଶ୍ୱାସ ଯୋଗୁଁ ନିଜ ବଂଶ ଓ ଦମିଶ୍କ ସମାଜ ପକ୍ଷରୁ ତାଙ୍କୁ ଅନେକ ଅତ୍ୟାଚାର ଓ ନିର୍ଯାତନା ସହ୍ୟ କରିବାକୁ ପଡ଼ିଥିଲା ।"

ନଜାର୍ ଅଜିବ୍ ସାହେବ କୁହନ୍ତି: "ଉଦଲ୍‌ବି ସାହେବଙ୍କ ମାଧ୍ୟମରେ ହିଁ ଅହେମଦିୟତ୍ ସହିତ ମୁଁ ପରିଚିତ ହୋଇଥିଲି । ସମ୍ମାନନୀୟ ଖାଲିଦ୍ ଉଜ୍ଜାମ୍ ସାହେବଙ୍କୁ ଦଜ୍ଜାଲ୍ ସଂପର୍କରେ ଏକ ପୁସ୍ତକ ପ୍ରାପ୍ତ ହେଲା । ସେ କୁହନ୍ତି: ମୋତେ ଉକ୍ତ ପୁସ୍ତକ ବହୁତ ଭଲ ଲାଗିଲା ଏବଂ ଉକ୍ତ ପୁସ୍ତକଟି ମୋର ସମସ୍ତ ଚିନ୍ତାଧାରାକୁ ପରିବର୍ତ୍ତନ କରିଦେଲା । ଏତଦ୍‌ପରେ ମୁଁ ତାଙ୍କର ପୁସ୍ତକ "**କତଲ୍ ମୁର୍ତଦ୍**" ଏବଂ "**ଜିନ୍ନୋଁ**" ସଂପର୍କରେ ଅଧ୍ୟୟନ କଲି ଏବଂ ତାଙ୍କ ସହିତ ଫୋନ୍‌ରେ ଯୋଗାଯୋଗ କଲି । ପୁନଶ୍ଚ ଏହାପରେ ମୁଁ ଏବଂ ଖାଲିଦ୍ ଉଜ୍ଜାମ୍ ସାହେବ ବୈଅତ୍ କରିନେଲୁ। ସ୍ୱର୍ଗତଙ୍କୁ ଯେତେବେଳେ ଉକ୍ତ ଜ୍ଞାତ ହେଲା ସେତେବେଳେ ସେ ଅତ୍ୟନ୍ତ ପ୍ରସନ୍ନ ହେଲେ ।"କତର୍‌ର ସଦର୍ ଜମାଅତ୍ ସମ୍ମାନନୀୟ ଡାକ୍ତର ଇମ୍ରାନ୍ ରହ୍‌ମାନ୍ ସାହେବ କୁହନ୍ତି: "ମୁହମ୍ମଦ ମୁନୀର ଉଦଲ୍‌ବୀ ସାହେବ ଅତ୍ୟନ୍ତ ବିନୀତ ସ୍ୱଭାବର ଅଧିକାରୀ ଥିଲେ । ଜମାଅତ୍‌ର ବ୍ୟବସ୍ଥା ସହିତ ସର୍ବଦା ଦୃଢ ସଂପର୍କ ରଖୁଥିଲେ। ଖିଲାଫତ୍ ପ୍ରତି ଥିବା ଆପଣଙ୍କ ପ୍ରେମ ଓ ଆଜ୍ଞାବହତ୍ୱ ଅସାଧାରଣ ଥିଲା । ଏମ.ଟି.ଏ ମାଧ୍ୟମରେ ଏଠାରେ ଖୁତ୍‌ବା ଶୁଣୁଥିଲ ଏବଂ ମୋର ଅବଶିଷ୍ଟ କାର୍ଯ୍ୟକ୍ରମ ମଧ୍ୟ ଦେଖୁଥିଲେ। ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ମୁନୀର ସାହେବ ମୋ ଖୁତ୍‌ବା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦେଖି ଅତ୍ୟନ୍ତ ସକାରାତ୍ମକ ଭାବାବେଗ ବ୍ୟକ୍ତ କରୁଥିଲେ। ଆର୍ଥିକ ବଳିଦାନ କରିବାରେ ଆପଣ ଅଭ୍ୟସ୍ତ ଓ ନିମଗ୍ନ ରହୁଥିଲେ । ଆପଣ ଉକ୍ତ କଥାକୁ ସୁନିଶ୍ଚିତ କରୁଥିଲେ ଯେ, ତାଙ୍କର ଚାନ୍ଦା ସର୍ବପ୍ରଥମେ ପୈଠ ହେବା ଉଚିତ୍। ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୃତ୍ୟୁ ଠାରୁ କିଛି ଦିନ ପୂର୍ବେ ସେ ମୋତେ ଏବଂ ମୁବଲ୍ଲିଗ୍ ସାହେବ ମହୋଦୟଙ୍କୁ ଓ ସେକ୍ରେଟାରୀ ମାଲ୍‌କୁ ନିଜ ଘରକୁ ଡାକିଲେ । ଘରକୁ ଡାକି ସେ କହିଲେ, ମୌଲବୀ ସାହେବ ମୁଁ ୱକ୍‌ଫେ ଜଦିଦ୍‌ର ଚାନ୍ଦା ପୈଠ କରିବାକୁ ଚାହୁଁଛି । ତେଣୁ ଆପଣ ମୋର ୱକ୍‌ଫେ ଜଦିଦ୍‌ର ଚାନ୍ଦା ନେଇ ନିଅନ୍ତୁ । ଭୁଲ୍ ତଥା ଭ୍ରମାତ୍ମକ ରିପୋର୍ଟ ଯୋଗୁଁ ସେଠାକାର ସିକ୍ୟୁରିଟି ମନ୍ତ୍ରାଳୟ ଡକାଇଥିଲା। କିନ୍ତୁ ପଚରା ଉଚରା କରିବା ପରେ ତାଙ୍କୁ ସୁରକ୍ଷା ବିଭାଗ ଛାଡ଼ି ଦେଇଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ତାଙ୍କ ସଂପର୍କରେ କେହି ଜଣେ ଉଲ୍ଲେଖ କଲା ଯେ, ମହୋଦୟ ! ଆପଣଙ୍କୁ ସିରୀୟାର ଟେଲିଭିଜନ କାର୍ଯ୍ୟକ୍ରମରେ ଅନେକ ଥର ଆମନ୍ତ୍ରିତ କରାଗଲା । ସେହି କାର୍ଯ୍ୟକ୍ରମରେ ଆପଣ ଇସ୍‌ଲାମ୍ ଧର୍ମରେ ଓହରିବା ବା ଧର୍ମ ପରିବର୍ତ୍ତନ କରିବାର (ଧର୍ମାନ୍ତରୀକରଣ) ଶାସ୍ତି ଏବଂ ନିଷିଧାଦେଶ ସଂକ୍ରାନ୍ତରେ ବିଦ୍ୱାନ୍‌ମାନଙ୍କ ସହିତ ଯୁକ୍ତି ତର୍କ କଲେ । ଉକ୍ତ ପ୍ରସଙ୍ଗକୁ କେନ୍ଦ୍ର କରି ଆପଣଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ମଧ୍ୟ ମିଳିଥିଲା । ସେହି ଧମକପୂର୍ଣ୍ଣ ସନ୍ଦେଶ (ମ୍ୟାସେଜ୍) ମଧ୍ୟରୁ କେତେକ ଧମକ ଅନ୍ ଲାଇନ୍ ପ୍ରକାଶିତ ମଧ୍ୟ ହୋଇଛି । ଆପଣ ଏକ ଫେସ୍‌ବୁକ୍ ପେଜ୍ (ପୃଷ୍ଠା) ମଧ୍ୟ ଚଳାଉଛନ୍ତି । ସେହି ଫେସ୍‌ବୁକ୍ ପୃଷ୍ଠାରେ ଆପଣ ହ. ମସିହ୍ ମଉଦ୍ ଅ.ସଙ୍କ ଲେଖନୀ, ଆଲେଖ୍ୟ ଇତ୍ୟାଦି ଶେୟାର୍ କରୁଥିଲେ । ସେହି ଲେଖନୀ ଏବଂ ଆଲେଖ୍ୟଗୁଡ଼ିକୁ ଉଭୟ ଅହେମଦି ଏବଂ ଅଣଅହେମଦିମାନେ ଫଲୋ କରୁଥିଲେ । ଆପଣ ନିଜର ସମଗ୍ର ଜୀବନ, ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ନିଜର କଲମ ଓ ଶବ୍ଦର ସହିତ ଅବିଚଳ ରହି ଜୀବନ ଅତିବାହିତ କରିଥିଲେ । ମୁନୀର ସାହେବଙ୍କର ପ୍ରାଥମିକ ଏବଂ ମୌଳିକ ଚିନ୍ତାଧାରା ଏବଂ ଏହା ରହୁଥିଲା ଯେ, ଆପଣ ହ. ମସିହ୍ ମଉଦ୍ ଅ.ସଙ୍କ ସନ୍ଦେଶ ପହଞ୍ଚାଇବେ ଓ ସଂସାରରେ ଅଲ୍ଲାଃତାଲାଙ୍କ ସତ୍ୟ ଧର୍ମର ପ୍ରଚାର ପ୍ରସାର କରିବା। ଆପଣଙ୍କୁ ଯେଉଁଠି ବି ସୁଯୋଗ ମିଳୁଥିଲା ସେଠାରେ ଆପଣ ବସି ପ୍ରତିପକ୍ଷକୁ ଅହେମଦିୟତ୍ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତା ଓ ଆପଣ ଅ.ସଙ୍କ ସନ୍ଦେଶର ପ୍ରଚାର ଆଡ଼କୁ ଆକର୍ଷିତ କରିବାର ଅବସରକୁ ହାତଛଡ଼ା କରୁ ନଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ ଏବଂ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ । ସ୍ୱର୍ଗତଙ୍କ ସନ୍ତାନ ସନ୍ତତିଙ୍କୁ ମଧ୍ୟ ସ୍ୱର୍ଗତଙ୍କ ପୁଣ୍ୟାବଳୀ ଉପରେ ଅବିଚଳତା ପ୍ରଦାନ କରନ୍ତୁ । **ଆମିନ୍** ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତୃତୀୟ ଯେଉଁ ମୃତକ ବ୍ୟକ୍ତିଙ୍କର ଉତ୍ତମ ଚର୍ଚ୍ଚା ହେବ ସେ ହେଉଛନ୍ତି ଅବ୍‌ଦୁଲ୍ ବାରି ତାରିକ୍ ସାହେବ । ଆପଣ ରବ୍‌ୱା ସ୍ଥିତ କମ୍ପ୍ୟୁଟର ସେକ୍‌ସନ୍ ଏବଂ ୱକ୍‌ଫେ ଜଦିଦ୍‌ର ଇନ୍‌ଚାର୍ଜ ଥିଲେ । ବିଗତ ଦିନ ତାଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ୱକ୍‌ଫେ ଜଦିଦ୍‌ର ସଦର ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ତାରିକ୍ ସାହେବଙ୍କ ବଂଶରେ ଅହେମଦିୟତ୍ ତାଙ୍କର ପଣଦଦା ଚୌଧୁରୀ ମୁହମ୍ମଦ ୟାର୍ ସାହେବଙ୍କ ମାଧ୍ୟମରେ ହୋଇଥିଲା । ତାଙ୍କର ଦଦା ସିୟାଲକୋଟ ଜିଲ୍ଲା ଅନ୍ତର୍ଗତ ଘଟିୟାଲିୟାଁ ଅଞ୍ଚଳର ଅଧିବାସୀ ଥିଲେ । ତାଙ୍କର ଦଦା 1903 ମସିହାରେ ଏକ ପତ୍ର ମାଧ୍ୟମରେ ବୈଅତ୍ କରି ଅହେମଦିୟତ୍ ସ୍ୱୀକାର କରିଥିଲେ । ସ୍ୱର୍ଗତଙ୍କ ଦଦା ଚୌଧୁରୀ ଗୁଲାମ୍ କାଦିର୍ ସାହେବ ଆବାଲ୍ୟ ଓ ଆଜନ୍ମ ଅହେମଦି ଥିଲେ । ସ୍ୱର୍ଗତ ତାରିକ୍ ସାହେବ ଏମ୍.ଏସ୍. ସି କମ୍ପ୍ୟୁଟର ସାଇନ୍‌ସ୍‌ର ଶିକ୍ଷା ପ୍ରାପ୍ତ କରିଥିଲେ ଏବଂ କରାଚୀ ଠାରେ ହିଁ ଚାକିରୀ କରୁଥିଲେ । ସ୍ୱର୍ଗତଙ୍କୁ କର୍କଟ ରୋଗ ହୋଇ ଯାଇଥିଲା । ଉକ୍ତ ଦୁରାରୋଗ୍ୟରୁ ଆପଣ ଆରୋଗ୍ୟ ଲାଭ ପ୍ରାପ୍ତ କରିଥିଲେ । ପୁଣିଥରେ ଆପଣ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ । ସୁତରାଂ ସେ ହ. ଖଲିଫତୁଲ୍ ମସିହ୍ ରାବେ ର.ଙ୍କ ସେବାରେ ଉଲ୍ଲେଖ କଲେ ଯେ, ହୁଜୁର ! ମୋତେ ପୁଣିଥରେ କର୍କଟ ରୋଗ ହୋଇଯାଇଛି। ସୁତରାଂ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ହୋମିଓପ୍ୟାଥି ଔଷଧ ପ୍ରେରଣ କଲେ ଏବଂ ସ୍ୱର୍ଗତ ତାରିକ୍ ସାହେବ ନିଜର ହୋମିଓପ୍ୟାଥି ଚିକିତ୍ସା କରିଥିଲେ । ଚିକିତ୍ସା ସହିତ ଆପଣ ହୁଜୁରଙ୍କ ନିକଟକୁ ପତ୍ର ମଧ୍ୟ ଲେଖିଲେ ଯେ, ହୁଜୁର ମୁଁ ୱକ୍‌ଫ୍ (ନିଜର ଜୀବନକୁ ଉତ୍ସର୍ଗ ବା ସମର୍ପିତ) କରିବାକୁ ଚାହୁଁଛି । ତେଣୁ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ତାଙ୍କର ୱକ୍‌ଫ୍‌କୁ ସ୍ୱୀକାର କରି ନେଇଥିଲେ ଏବଂ ତାଙ୍କୁ ଅର୍ଥାତ୍ ସ୍ୱର୍ଗତଙ୍କୁ ତେହ୍‌ରିକେ ଜଦିଦ୍‌କୁ ପ୍ରେରଣ କରିଦେଲେ । ଏତଦ୍‌ପରେ ତାଙ୍କର ନିଯୁକ୍ତି ତେହ୍‌ରିକେ ଜଦିଦ୍‌ରେ ହୋଇଗଲା । ସମସ୍ତ କାର୍ଯ୍ୟାଳୟକୁ କମ୍ପ୍ୟୁଟରୀକୃତ କରିବା ବ୍ୟତୀତ ଜମାଅତ୍‌ର ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକରେ ମଧ୍ୟ କେବଳ ଆପଣ କାମ କରି ନଥିଲେ ବରଂ ପାକିସ୍ତାନ ବାହାରେ ମଧ୍ୟ ଅହମଦିୟା ନୁର୍ ହସ୍ପିଟାଲ୍‌ର ନୂତନ ଶାଖା ନାଇଜିରିୟା ଏବଂ ବେନିନ୍ ସ୍ଥିତ ଅହେମଦିୟା ହସ୍ପିଟାଲ୍‌ର କମ୍ପ୍ୟୁଟରୀକରଣ କରିବା ନିମନ୍ତେ ମଧ୍ୟ ଆପଣଙ୍କୁ ସୌଭାଗ୍ୟ ଅର୍ଜନ ହୋଇଥିଲା । କେବଳ ସେତିକି ନୁହେଁ ବରଂ କନ୍‌ୱେର ଡାକ୍ତର ସାହେବ ଉଲ୍ଲେଖ କରିଛନ୍ତି ଯେ, ଯେତେବେଳେ ଆମେମାନେ କମ୍ପ୍ୟୁଟରୀକରଣ କରିବାକୁ ଚାହୁଁଥିଲୁ ସେତେବେଳେ ଯେଉଁଠି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା ଏବଂ ସହସ୍ର ସହସ୍ର (ହଜାର) ଡଲାରରେ ମଧ୍ୟ Estimate ମିଳିଥିଲା । କିନ୍ତୁ ସ୍ୱର୍ଗତ ତାରିକ୍ ସାହେବ ସେଠାକୁ ଗଲେ ଏବଂ ମାସେ ରହି ସେଠାରେ ଅତି ସ୍ୱଳ୍ପ ଟଙ୍କାରେ ଆମମାନଙ୍କର ସମସ୍ତ କାମ କରିଦେଲେ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶୋକ ସନ୍ତପ୍ତ ପରିବାର ବର୍ଗରେ ମାତା, ପତ୍ନି, ଏକ ପୁତ୍ର ଏବଂ ପାଞ୍ଚ ଜଣ ଭାଇ ଭଉଣୀମାନେ ମଧ୍ୟ ଅଛନ୍ତି । ସ୍ୱର୍ଗତ ତାରିକ୍ ସାହେବ ନିଜକୁ ଜମାଅତ୍‌ର ସେବା ନିମନ୍ତେ ୱକ୍‌ଫ୍ (ଉତ୍ସର୍ଗ) କରି ଦେଇଥିଲେ। ସେ ଏହି ପ୍ରତିଜ୍ଞା କରିଥିଲେ ଯେ, ମୁଁ ସୁସ୍ଥ ହେବା ପରେ ନିଜକୁ ୱକ୍‌ଫ୍ (ଉତ୍ସର୍ଗ) କରିଦେବି। ସୁତରାଂ ସ୍ୱର୍ଗତ ତାରିକ୍ ସାହେବ ସୁସ୍ଥ ହେଲେ ଏବଂ ଦୀର୍ଘ 21 ବର୍ଷ ପର୍ଯ୍ୟନ୍ତ ତାଙ୍କର ୱକ୍‌ଫର କାର୍ଯ୍ୟକାଳ ଥିଲା । ଉକ୍ତ ଅବଧି ମଧ୍ୟରେ ସେ ନିଃସ୍ୱାର୍ଥପର ହୋଇ ସେବା କରିଥିଲେ । ସେ ନା ଦିନ ଦେଖିଲେ ଓ ନା ହିଁ ସେ ରାତି ଦେଖିଲେ । ଆପଣ ୱାକ୍‌ଫିନ୍‌ମାନଙ୍କ ନିମନ୍ତେ ଏପରି ଉଦାହରଣ ସ୍ଥାପନ କଲେ ଯାହା ସେମାନଙ୍କ ନିମନ୍ତେ ଅନୁକରଣୀୟ ଯୋଗ୍ୟ ଅଟେ । ଆପଣ ଅନ୍‌ସାରୁଲ୍ଲାଃ ମର୍କଜିୟାରେ ମଧ୍ୟ ଜଣେ କାଏଦ୍ ଭାବରେ କାର୍ଯ୍ୟ କରୁଥିଲେ । **(ଅବଶିଷ୍ଟାଂଶ................ପୃ12ରେ)**

ଆପଣ ସେହି ଅନ୍‌ସାରୁଲ୍ଲାଃ ମର୍କଜିୟା କାର୍ଯ୍ୟାଳୟକୁ ଯିବା ନିମନ୍ତେ ପ୍ରସ୍ତୁତ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهٗ

**(ଅଜ୍ ଜୁମର: 36)**

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

## (ଖୁତ୍‌ବା ଜୁମା)

ଅଲ୍ଲାଃତାଲା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ହସ୍ତରୁ ଏପରି ଶୈକ୍ଷିକ ବା ଜ୍ଞାନଭିତ୍ତିକ, ଧାର୍ମିକ ବ୍ୟବସ୍ଥାଜନିତ କାର୍ଯ୍ୟ ସମ୍ପାଦନ କରାଇଛନ୍ତି ଯେ, ବଡ଼ ବଡ଼ ଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ଆପଣ ର.ଅଙ୍କ ସମ୍ମୁଖରେ ଚାଟଶାଳୀ ପିଲା ଲାଗୁଛନ୍ତି । ଆପଣ ର.ଅଙ୍କ 52 ବର୍ଷୀୟ ଖିଲାଫତ୍‌ର କାର୍ଯ୍ୟକାଳ ଏହାର ଜ୍ୱଳନ୍ତ ସାକ୍ଷ୍ୟ ଅଟେ।

— — — — — — — — — — — — — — — — — — — —

ଆଜି ପୂର୍ବାପେକ୍ଷା ଅଧିକ ରୂପେ ମୁସଲମାନମାନଙ୍କୁ ଏବଂ ଆରବୀୟମାନଙ୍କୁ ଏଥିପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି । କାରଣ କେବଳ ନାରାବାଜି (ସ୍ଲୋଗାନ ଦେବା) କରିବା ଦ୍ୱାରା, ଖାଲି ମିଟିଂ କଲେ କାମ ଚଳିବ ନାହିଁ । ବରଂ ବ୍ୟବହାରିକ ରୂପେ ମଧ୍ୟ ପଦକ୍ଷେପ ଗ୍ରହଣ କରିବାକୁ ହେବ । ମୁସଲମାନମାନଙ୍କୁ ନିଜର ଦୋଷ ଦୁର୍ବଳତା ଏବଂ ତ୍ରୁଟିରୁ କ୍ଷମାଯାଚନା କରି ଈଶ୍ୱରଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବାକୁ ହେବ ।

— — — — — — — — — — — — — — — — — — — —

ଆପଣମାନେ ସ୍ୱୟଂ ଇସ୍‌ଲାମ୍ ଧର୍ମକୁ ଆଗ ବୁଝନ୍ତୁ ଓ ଇସ୍‌ଲାମ୍ ଧର୍ମର ସତ୍ୟତା ସହିତ ଅବଗତ ହୁଅନ୍ତୁ ଏବଂ ଅନ୍ୟମାନଙ୍କୁ ମଧ୍ୟ ଅବଗତ କରାନ୍ତୁ । କାରଣ ମୁସଲମାନମାନଙ୍କ ଉପରେ ବର୍ତ୍ତମାନ ଯେଉଁ ଦାରିଦ୍ରତା ଓ ପତନର ସମୟ ଆସୁଛି ତାହା ଦୂରୀଭୂତ ହୋଇଯାଉ.......ସେମାନେ ଧର୍ମ ସକାଶେ ଯଦି ପ୍ରଚାର ନକରନ୍ତି, ଯଦି ସେମାନେ ଈଶ୍ୱରଙ୍କ ଆଦେଶାନୁଯାୟୀ ଏହି ଅତୁଲ୍ୟ ଶିକ୍ଷାକୁ ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପିତ ନକରନ୍ତି ତେବେ ବର୍ତ୍ତମାନ ନିଜର ଜୀବନର ସ୍ଥାୟୀତ୍ୱ ନିମନ୍ତେ ଅନ୍ତତଃ ଉଦ୍ୟମ କରନ୍ତୁ । କାରଣ ସେମାନଙ୍କର ଜୀବନ ଓ ଇସ୍‌ଲାମ୍ ଧର୍ମର ଧର୍ମ ପ୍ରଚାର ଉଭୟ ଅଙ୍ଗାଅଙ୍ଗି ଭାବେ ଜଡ଼ିତ ଅଟେ ।
(ହ. ମୁସ୍‌ଲେହ୍ ମଉଦ୍ ର.ଅ)

— — — — — — — — — — — — — — — — — — — —

ବ୍ୟବସାୟ ବାଣିଜ୍ୟ, କଳା ଓ ଶିଳ୍ପକଳା ଇତ୍ୟାଦି କ୍ଷେତ୍ରରେ ମଧ୍ୟ ମୁସଲମାନମାନଙ୍କୁ ଉନ୍ନତି କରିବା ନିମନ୍ତେ ବିଶେଷ ରୂପେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

— — — — — — — — — — — — — — — — — — — —

ହ. ମୁସ୍‌ଲେହ୍ ମଉଦ୍ ର.ଅ ମୁସଲମାନମାନଙ୍କୁ ଉପଦେଶ ଦେଇ କୁହନ୍ତି; "ମୁସଲମାନମାନେ ପାରସ୍ପାରିକ ମତଭେଦ ଓ ମତାନୈକ୍ୟକୁ ଦୂର କରନ୍ତୁ । ଜାତୀୟ ସ୍ୱାର୍ଥ ସକାଶେ ଏକାଠି ମିଶି କାମ କରନ୍ତୁ । କେବଳ ଏହି ପନ୍ଥାକୁ ଅବଲମ୍ବନ କରି ସେମାନେ (ମୁସଲମାନମାନେ) ବିରୋଧୀ ଜାତିର ମୁକାବିଲା କରିବାକୁ ସକ୍ଷମ ସଙ୍ଗେସଙ୍ଗେ ନିଜର ଅଧିକାରକୁ ପ୍ରାପ୍ତ କରିବାରେ ସଫଳ ହୋଇ ପାରିବେ ।"

— — — — — — — — — — — — — — — — — — — —

ତଫ୍‌ସିର୍ କବିର୍ ପୂର୍ବେ ପ୍ରଥମ ଦଶଟି ଗ୍ରନ୍ଥଖଣ୍ଡରେ ବିଭକ୍ତ ଥିଲା । ବର୍ତ୍ତମାନ ଆପଣ ର.ଅଙ୍କ ନୋଟ୍‌ସ୍‌ରୁ ତହିଁରେ (ତଫ୍‌ସିରରେ) ଅତିରିକ୍ତ ପ୍ରସଙ୍ଗକୁ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି । ପୁନଶ୍ଚ ଅତିରିକ୍ତ ସୁରତ୍‌ର ତଫ୍‌ସିରରେ ମଧ୍ୟ ଆପଣ ର.ଅଙ୍କ କେତେକ ନୋଟସ୍ ହସ୍ତଗତ ହୋଇଛି । ସେହି ନୋଟ୍‌ସଗୁଡ଼ିକର ସମୀକ୍ଷା ଏବଂ ଅନୁଧ୍ୟାନ କରାଯାଇଛି । ସମ୍ଭବତଃ ଯେତେବେଳେ ସେହି ନୋଟ୍‌ସଗୁଡ଼ିକୁ ପ୍ରକାଶ କରାଯିବ ସେତେବେଳେ ତଫ୍‌ସିର୍ କବିର୍ 30ଟି ଗ୍ରନ୍ଥ ଖଣ୍ଡରେ ବିଭକ୍ତ ହୋଇଯିବ । କାରଣ ସେହି ନୋଟ୍‌ସ୍‌ଗୁଡ଼ିକ 30,000 ପୃଷ୍ଠା ବିଶିଷ୍ଟ ଅଟନ୍ତି ।
ଖୈବର୍ ଯୁଦ୍ଧର ପୃଷ୍ଠଭୂମି ସଂପର୍କରେ ଆଁହଜରତ ସଅଙ୍କ ଜୀବନୀ ଚର୍ଚ୍ଚା ।

— — — — — — — — — — — — — — — — — — — —

ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଜ୍ଞାନାତ୍ମକ ଲିଟ୍ରେଚରଗୁଡ଼ିକୁ ଆମମାନଙ୍କୁ ପାଠ କରିବା ଉଚିତ୍ ଏବଂ ଏଥି ନିମନ୍ତେ ଆମମାନଙ୍କୁ ଉଦ୍ୟମ ମଧ୍ୟ କରିବା ଉଚିତ୍ । ଆହୁରି ଅନେକ କଥା ଓ ପ୍ରସଙ୍ଗ ମଧ୍ୟ ରହିଛି ଯାହା ଆଜି କାଲିକା ପରିସ୍ଥିତିରେ ମଧ୍ୟ ଚରିତାର୍ଥ ହେଉଛି । ଅତଏବ୍ ଆମମାନଙ୍କୁ ତହିଁରୁ (ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସାହିତ୍ୟକୃତି, ପ୍ରବନ୍ଧ)ରୁ ଲାଭାନ୍ୱିତ ହୋଇ ପାରିବା ।

— — — — — — — — — — — — — — — — — — — —

ପେଶ୍‌ଗୋଇ (ଭବିଷ୍ୟବାଣୀ) ମୁସ୍‌ଲେହ୍ ମଉଦ୍ ଅବସରରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଆଶ୍ଚର୍ଯ୍ୟଜନକ ତଥା ଅଭୂତପୂର୍ବକ ଶୈକ୍ଷିକ ଏବଂ ଜ୍ଞାନଭିତ୍ତିକ କୃତିତ୍ୱର ସଂକ୍ଷିପ୍ତ ଓ ଅଧ୍ୟାତ୍ମବାଦ ସମ୍ବଳିତ ଚର୍ଚ୍ଚା ।

— — — — — — — — — — — — — — — — — — — —

**21 FEBRUARY 2025 ମସିହା ଅନୁଯାୟୀ ୨୧ ତବଲିଗ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ।**
ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُولُهٗ۔ أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ, କାଲି 20 ଫେବୃୟାରୀ ଥିଲା। ଏହି ଦିନଟି ଜମାଅତ୍ ଅହେମଦିୟାରେ ଲୋକମାନେ ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ ନାମରେ ଜାଣନ୍ତି । ଏଥି ସଂକ୍ରାନ୍ତରେ ଏହି ଦିନ କିମ୍ବା ଅନ୍ୟ ଦିନମାନଙ୍କରେ ଆଗପଛ ହୋଇ ଜମାଅତ୍‌ମାନଙ୍କରେ ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍‌ର ଜଲ୍‌ସାମାନ ମଧ୍ୟ ଆୟୋଜିତ ହୋଇଥାଏ । ଉକ୍ତ ଭବିଷ୍ୟବାଣୀଟି ହ. ମସିହ୍ ମଉଦ୍ ଅ.ସଙ୍କ ଏକ ଦୀର୍ଘ ଭବିଷ୍ୟବାଣୀ ଅଟେ । ଯହିଁରେ ଅର୍ଥାତ୍ ଯେଉଁ ଭବିଷ୍ୟବାଣୀରେ ଏକ ପୁତ୍ରର ଜନ୍ମ ଏବଂ ତା'ର ବିଶେଷତା ସଂପର୍କରେ ଚର୍ଚ୍ଚା ରହିଛି । 20 ଫେବୃୟାରୀ 1946 ମସିହାରେ ଉକ୍ତ ଇସ୍ତହାର ଆକାରରେ ପ୍ରକାଶ କରାଗଲା । ଉକ୍ତ ଭବିଷ୍ୟବାଣୀରେ ଏକ ପୁତ୍ର ସନ୍ତାନର ବିଶେଷତା ସଂକ୍ରାନ୍ତରେ ଐଶ୍ୱରିକ ଶବ୍ଦର ଏକ ଭାଗ ଏହିପରି ଉଲ୍ଲେଖ ରହିଛି ଯେ, "ସେହି ପ୍ରତିଶ୍ରୁତ ସଂସ୍କାରକ ଏବଂ ସୁଧାରକ ଅତ୍ୟନ୍ତ ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ହେବ ।" ସେହିପରି ସେହି "ପ୍ରତଶ୍ରୁତ ସୁଧାରକ ଆଭ୍ୟନ୍ତରୀଣ ଓ ବାହ୍ୟ ଜ୍ଞାନକୁ ପରିପୂର୍ଣ୍ଣ କରିଦିଆଯିବ ।"
**(ଆଇନା କମାଲାତେ ଇସ୍‌ଲାମ୍ ରୁହାନୀ ଖଜାଏନ୍, ଭାଗ-5, ପୃ-647)**

ଅଲ୍ଲାଃତାଲା ତଦନୁଯାୟୀ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ଏକ ଦିବ୍ୟ ପୁତ୍ର ସନ୍ତାନ ପ୍ରଦାନ କଲେ ଯିଏ ଏହିପରି ବିଶେଷତାର ଅଧିକାରୀ ଥିଲା । ସେହି ସୁଧାରକଙ୍କ ନାମ ହ. ମିର୍ଜା ବଶୀରୁଦ୍ଦିନ୍ ମହମୁଦ୍ ଅହମଦ୍ ସାହେବ ଥିଲା । ତେଣୁ ଆପଣ ର.ଅଙ୍କୁ ହ. ମୁସ୍‌ଲେହ୍ ମଉଦ୍ ବୋଲି କୁହାଯାଏ । ଯେଉଁ ପିଲାମାନେ ଜମାଅତ୍‌ର ଇତିହାସ ସହିତ ଅବଗତ ଅଟନ୍ତି । ହେଲେ ବଡ଼ ଲୋକମାନେ ମଧ୍ୟ ଜମାଅତ୍‌ର ଇତିହାସ ଓ ଉକ୍ତ ଭବିଷ୍ୟବାଣୀ ସହିତ ଅବଗତ ଅଟନ୍ତି । ତେଣୁ ପ୍ରତ୍ୟେକ ଜମାଅତ୍‌ମାନଙ୍କରେ ଏହି ଦିନ ଜଲ୍‌ସା ଆୟୋଜିତ ହୋଇଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି ଭବିଷ୍ୟବାଣୀର ଏହି ଶବ୍ଦ ରହିଛି ଯେ, ସେହି ବାଳକ ଆଭ୍ୟନ୍ତରୀଣ ଓ ବାହ୍ୟ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ହେବ । ଅତଏବ୍ ଅଲ୍ଲାଃତାଲା ସ୍ୱୟଂ ଆପଣ ର.ଅଙ୍କ ବୌଦ୍ଧିକତାକୁ ପ୍ରଖର କରି ଆପଣ ର.ଅଙ୍କୁ ଉଭୟ ପ୍ରକାରର ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ କରିଥିଲେ । ସାଂସାରିକ ଦୃଷ୍ଟିରୁ ଆପଣ ର.ଅଙ୍କ ଶିକ୍ଷାଗତ ଯୋଗ୍ୟତ ପ୍ରାଥମିକ ଶିକ୍ଷା ମଧ୍ୟ ନଥିଲା । ହେଲେ ଆପଣ ର.ଅ ବିଦ୍ୟାଳୟକୁ ଯାଉଥିଲେ ସତ । କିନ୍ତୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ସ୍ୱୟଂ କୁହନ୍ତି ଯେ, "ମୁଁ କେବେ ପରୀକ୍ଷାରେ ଉତ୍ତୀର୍ଣ୍ଣ ମଧ୍ୟ ହେଉ ନଥିଲି ।" ଆପଣ ର.ଅ ସାଂସାରିକ ବିଷ୍ୟବସ୍ତୁରେ ଅତ୍ୟନ୍ତ ଦୁର୍ବଳ ଥିଲେ । କିନ୍ତୁ ଅଲ୍ଲାଃତାଲା ଆପଣ ର.ଅଙ୍କ ଠାରୁ ଏପରି ଜ୍ଞାନଭିତ୍ତିକ ଏବଂ ଧାର୍ମିକ ଓ ବ୍ୟବସ୍ଥା ଜନିତ କାର୍ଯ୍ୟ ସମ୍ପାଦନ କରାଇଛନ୍ତି ଯେ, ବଡ଼ ବଡ଼ ଶିକ୍ଷିତ ଏବଂ ବିଦ୍ୱାନ୍‌ମାନେ ମଧ୍ୟ ଆପଣ ର.ଅଙ୍କ ସମ୍ମୁଖରେ ଚାଟଶାଳୀ ଛୁଆଙ୍କ ପରି ମନେ ହୁଅନ୍ତି । ଆପଣ ର.ଅଙ୍କ 52 ବର୍ଷୀୟ ଖିଲାଫତ୍ କାଳ ଏହାର ଜ୍ୱଳନ୍ତ, ମୌଖିକ ସାକ୍ଷ୍ୟ ଅଟେ ।

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 03-10 April 2025 Issue No. 14-15

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଆପଣ ର.ଅ ସଂସାରର ବିଭିନ୍ନ ବିଷୟ ବସ୍ତୁ ଏବଂ ପ୍ରସଙ୍ଗରେ ଅସଂଖ୍ୟ ଭାଷଣ ଦେଇଥିଲେ ଓ ପ୍ରବନ୍ଧ ଭିତ୍ତିକ ବିଷୟ ବସ୍ତୁ ମଧ୍ୟ ଆପଣ ରଚନା କରିଥିଲେ। ଧାର୍ମିକ ଓ କୁରଆନୀୟ ଜ୍ଞାନର କୌଣସି ସୀମା ହିଁ ନଥିଲା । ଅର୍ଥାତ୍ ଆପଣ ର.ଅଙ୍କ କୁରଆନୀୟ ଜ୍ଞାନ ଅସୀମ ଥିଲା । ଆପଣ ର.ଅ ସାଂସାରିକ ବିଷୟବସ୍ତୁ ଉପରେ, ଦେଶର ରାଜନୀତି ଉପରେ, ଆନ୍ତର୍ଜାତିକ ରାଜନୀତି ପ୍ରସଙ୍ଗରେ ଆପଣ ଭାଷଣ ଦେଇଥିଲେ ଓ ପ୍ରବନ୍ଧମାନ ମଧ୍ୟ ଲେଖିଥିଲେ । ଐତିହାସିକ ପ୍ରାମାଣ୍ୟରୁ ଅସାଧାରଣ ସ୍ତରର ବିଷୟବସ୍ତୁ ଉଲ୍ଲେଖ କଲେ ଓ ଭାଷଣ ମଧ୍ୟ ଆପଣ ଦେଇଥିଲେ। ଅର୍ଥନୈତିକ ପ୍ରସଙ୍ଗ ଏବଂ ସଂସାରର ବିଭିନ୍ନ ବ୍ୟବସ୍ଥା ଯଥା ସମାଜବାଦ, କମ୍ୟୁନିଜମ୍ (ସାମ୍ୟବାଦ), କ୍ୟାପିଟାଲିଜିମ୍ (ପୁଞ୍ଜିବାଦ) ସଂପର୍କରେ ମଧ୍ୟ ଆପଣ ର.ଅ ବିଶ୍ଳେଷଣ କଲେ ଏବଂ ଗୋଟିଏ ଭାଷଣ ଯାହା ପରବର୍ତ୍ତୀ ସମୟରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇଛି, ଏହା ଜମାଅତର ଲିଟ୍ରେଚରମାନଙ୍କରେ ବିଦ୍ୟମାନ ରହିଛି । ଏପର୍ଯ୍ୟନ୍ତକି ସୈନିକ ଓ ସୈନ୍ୟବାହିନୀ ପ୍ରସଙ୍ଗରେ, ବିଜ୍ଞାନ ଓ ଜ୍ଞାନଭିତ୍ତିକ ବିଷୟବସ୍ତୁ ଉପରେ ତଥା ଅଧ୍ୟାତ୍ମ ତତ୍ତ୍ୱବାଦ ସଂପର୍କରେ ଆପଣ ର.ଅ ଏପରି ପ୍ରସଙ୍ଗ ବର୍ଣ୍ଣନା କଲେ ଯେ, ମନୁଷ୍ୟର ବୁଦ୍ଧି ଆଶ୍ଚର୍ଯ୍ୟଚକିତ ହୋଇଯାଉଥିଲା । ଅନେକ ଭାଷଣ ଆପଣ ର.ଅ ଅଣମୁସଲମାନ ଏବଂ ଅଣଅହମଦିଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିଲେ । ସେହି ଅଣଧର୍ମାବଲମ୍ବୀମାନେ ମଧ୍ୟ ଆପଣ ର.ଅଙ୍କ ଜ୍ଞାନ ଗହ୍ୱରତ୍ୱ ଏବଂ ଅଧ୍ୟାତ୍ମ ତତ୍ତ୍ୱର ପ୍ରଶଂସା କରି ରହିପାରି ନାହାନ୍ତି । ତାହା ସହସ୍ର ପୃଷ୍ଠା ବିଶିଷ୍ଟ ଓ ପରିବ୍ୟାପ୍ତ ଅଟେ। ସ୍ୱଳ୍ପ ସମୟ ମଧ୍ୟରେ ସେଗୁଡ଼ିକର ବିବରଣୀ ପ୍ରଦାନ କରିବା ଏଠାରେ ସମ୍ଭବପର ନୁହେଁ । ହୁଜୁର ଅନ୍ୱର୍ ଅ.ବ କହିଲେ, ଉଦାହରଣ ସ୍ୱରୂପ ମୁଁ ଏଠାରେ କେତେକ ଉଦାରହଣ ଉପସ୍ଥାପିତ କରିବି । ଏହି ବିବରଣୀଗୁଡ଼ିକ ପରିଚୟ ଉପରେ ଆଧାରିତ ଅଟନ୍ତି ।

**"ଇସ୍‌ଲାମ୍ କା ଇକ୍ତିସାଦି ନିଜାମ୍", "ନିଜାମେ ନୌ", "ଇସଲାମ୍ ମେଁ ଇଖତିଲାଫାତ୍ କା ଆଗାଜ୍"** ଉତ୍ୟାଦି ଏପରି ବିଷୟବସ୍ତୁ ଅଟନ୍ତି ଯେ, ଏହିସବୁ ବିଷୟବସ୍ତୁ ସଂପର୍କରେ ଜମାଅତ୍‌ରେ ଅନେକ ସମୟରେ ଚର୍ଚ୍ଚା ହୋଇଥାଏ । ଏହାକୁ ବାଦ୍ ଦେଇ ଆଉ କେତେକ ଅନ୍ୟ ବିଷୟବସ୍ତୁଗୁଡ଼ିକ ସଧାରଣତଃ ଲୋକଲୋଚନକୁ ଆସି ନାହିଁ । ସେହି ସବୁ ପୁସ୍ତକର ପରିଚୟ ମୁଁ (ହୁଜୁର୍ ଅନ୍ୱର୍ ଅ.ବ) ପ୍ରଦାନ କରିବି । ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ଖଲିଫତୁଲ୍ ମସିହ୍ ସାନି ର.ଅ **"ତୁର୍କୀର ଭବିଷ୍ୟ ଓ ମୁସଲମାନମାନଙ୍କର କର୍ତ୍ତବ୍ୟ"** ନାମରେ ଏକ ପରାମର୍ଶ ପ୍ରଦାନ କଲେ ସେହି ପରାମର୍ଶ ଉପରେ ଆପଣ ଟିପ୍ପଣୀ କଲେ ଓ 1919ର କଥା ହେବ ଅର୍ଥାତ୍ ଆପଣ ର.ଅ ଖିଲାଫତର ପ୍ରାରମ୍ଭିକ କାଳର କଥା । ସେହି ପରାମର୍ଶର ସାରାଂଶ କିମ୍ବା ପରିଚୟ ଏହିପରି ଯେ, ଧାର୍ମିକ ଏକତାର ପ୍ରତ୍ୟେକ ଅବସରରୁ ସଂପୂର୍ଣ୍ଣ ରୂପେ ଲାଭାନ୍ୱିତ ହେବା ନିମନ୍ତେ ହୁଜୁର ର.ଅ ଏପରି ସମୟରେ ଯେତେବେଳେକି ତୁର୍କୀର ସରକାର ବିପଦରେ ଥିଲା ସେତେବେଳେ ଆପଣ ର.ଅ ଅତ୍ୟନ୍ତ ପ୍ରବନ୍ଧ କୌଶଳ ଦ୍ୱାରା ମାର୍ଗଦର୍ଶନ କରି ସେପ୍ଟେମ୍ବର ମାସ 18 ତାରିଖ ଦିନ 1919 ମସିହାରେ ଉକ୍ତ ପୁସ୍ତକ ରଚନା କରିଥିଲେ । ବିଭିନ୍ନ ଚିନ୍ତାଧାର ରଖୁଥିବା ମୁସଲମାନମାନଙ୍କର ଏକତା ନିମନ୍ତେ ଆପଣ ର.ଅ ଏହି ମାର୍ଗଦର୍ଶନ ବର୍ଣ୍ଣନା କରିଛନ୍ତି ଯେ, "ମୋ ନିକଟରେ ଉକ୍ତ ଜଲ୍‌ସାର ମୂଳଦୁଆ ଏହା ହେବା ଉଚିତ୍ ଯେ, ତୁର୍କୀ ସରକାରଙ୍କ ସପକ୍ଷରେ ଏକ ଜଲ୍‌ସା ହେବାର ଥିଲା । ଏକ ମୁସଲମାନ ବୋଲାଉଥିବା ସରକାରକୁ.........ହଟେଇ ଦେବା କିମ୍ବା ପ୍ରଦେଶ ତଥା ରାଜ୍ୟଗୁଡ଼ିକୁ (ସ୍ୱତନ୍ତ୍ର) କ୍ଷମତା ପ୍ରଦାନ କରିଦେବା ଏପରି ଏକ କୃତ୍ୟ ଅଟେ ଯେପରିକି ପ୍ରତ୍ୟେକ ଗୋଷ୍ଠୀ ଯିଏ ନିଜକୁ ମୁସଲମାନ ବୋଲି କହେ ସେ ଏପରି କୃତ୍ୟକୁ ନାପସନ୍ଦ କରିଥାଏ ।" ଉକ୍ତ ଚିନ୍ତାଧାରଟି ଗୋଷ୍ଠୀ ପକ୍ଷେ କଷ୍ଟକର ହୋଇ ପଡ଼ିଥାଏ ।"

ପୁନଶ୍ଚ ଆପଣ ର.ଅ ଏହା ମଧ୍ୟ କହିଲେ ଯେ, ତୁର୍କୀ ଶାସନ ଏବଂ ଇସ୍‌ଲାମ୍ ଧର୍ମର କେନ୍ଦ୍ର ହିଜାଜ୍ ସଂପର୍କରେ ମୋର ଯେଉଁ ମାର୍ଗଦର୍ଶିକା ରହିଛି ତାହା ଏହିପରି ହିଁ ଅଟେ । ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, ଆରବର ଜାତ୍ୟାଭିମାନ କ୍ରୋଧିତ ହେଉଅଛି ଏବଂ ସ୍ୱାଧୀନତାର ସ୍ନାୟୁ ସଂକୁଚିତ ଓ ସଂପ୍ରସାରିତ ହେଉଛି.........1300 ବର୍ଷ ପରେ ବର୍ତ୍ତମାନ ତୁର୍କୀ ସ୍ୱୟଂ ନିଜର ଚାରି କାନ୍ଥର ଶାସକ ହୋଇଛି ଏବଂ ନିଜର ସୁବ୍ୟବସ୍ଥା, ସୁଶାସନ ଓ ନ୍ୟାୟ ମାଧ୍ୟମରେ ସେ (ତୁର୍କୀ) ନିଜର କର୍ତ୍ତବ୍ୟକୁ ସାବ୍ୟସ୍ତ କରିଦେଇଛି । ଅତଏବ୍ ତୁର୍କୀ ସଂପର୍କରେ ନା କୌଣସି ନୂତନ ପ୍ରସ୍ତାବ ସଫଳ ହୋଇ ପାରିବ ଓ ନା ହିଁ କୌଣସି ବିବେକ ସମ୍ପନ୍ନ ତଥା ଉଚିତ୍ ବ୍ୟକ୍ତି ଏହାକୁ ସ୍ୱୀକାର କରିପାରିବ ? ତୁର୍କୀୟାର ମଙ୍ଗଳ ନିମନ୍ତେ ଆପଣ ର.ଅ ଏକ ପରାମର୍ଶ ମଧ୍ୟ ପ୍ରଦାନ କରିଥିଲେ ଯେ, "କେବଳ ଜଲ୍‌ସା ଓ ଲେକଚର୍ (ଭାଷଣ) ଦ୍ୱାରା କାମ ଚଳିବ ନାହିଁ, ନା ହିଁ ଟଙ୍କା ଏକତ୍ରିତ କରି ଇସ୍ତହାର ଏବଂ ଟ୍ରାକ୍ଟ୍ (ପୁସ୍ତିକା) ପ୍ରକାଶ କରିଦେବା ଦ୍ୱାରା ଯଥେଷ୍ଟ ହୋଇଯିବ....ବରଂ ଏକ ନିୟମିତ ପରିଶ୍ରମ ଓ ଉଦ୍ୟମ ଓ ଅଧ୍ୟବସାୟ ଦ୍ୱାରା ସମଗ୍ର ବିଶ୍ୱରେ ଉକ୍ତ ପ୍ରସଙ୍ଗକୁ ସମ୍ପାଦନ କରିବା ନିମନ୍ତେ ଏହି ପ୍ରଚେଷ୍ଟା କରାଯାଉ ଯେ, ଉକ୍ତ ଯୁଗ ହେଉଛି ଶୈକ୍ଷିକ ଓ ଜ୍ଞାନ ଭିତ୍ତିକ ଯିଗ । ପ୍ରତ୍ୟେକ କଥା ପାଇଁ ଲୋକମାନେ ପ୍ରମାଣ ମାଗନ୍ତି...... ତେଣୁ ଏହି କଷ୍ଟସାଧ କାର୍ଯ୍ୟକୁ ସମ୍ପାଦନ କରିବା ନିମନ୍ତେ ନିୟମିତ ବ୍ୟବସ୍ଥା ହେବା ଉଚିତ୍.........ଯେଉଁ କାର୍ଯ୍ୟରେ ଲାଭ ନାହିଁ ତାହାକୁ ସମ୍ପାଦନ କରିବା ବୁଦ୍ଧିମାନ ବ୍ୟକ୍ତିର କାର୍ଯ୍ୟ ନୁହେଁ ।"

ଆଜି ଉକ୍ତ କଥାକୁ ମୁସଲମାନମାନଙ୍କୁ ଚିନ୍ତା କରିବା ଉଚିତ୍ । ଉକ୍ତ ପ୍ରସଙ୍ଗ ତ' ତୁର୍କୀ ଶାସନ ସଂପର୍କିତ ଥିଲା । ଆଜି ପୂର୍ବାପେକ୍ଷା ଅଧିକ ମୁସଲମାନ ଦେଶ ଏବଂ ଆରବ୍ୟ ରାଷ୍ଟ୍ରମାନଙ୍କୁ ଏଥି ପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି । କାରଣ କେବଳ ସ୍ଲୋଗାନ୍ ଦେଇ ଦେବା ଦ୍ୱାରା କିମ୍ବା ମିଟିଂ କରିବା ଦ୍ୱାରା କାମ ଚଳିବ ନାହିଁ। ଅର୍ଥାତ୍ ଯଥେଷ୍ଟ ହେବ ନାହିଁ । ବରଂ ବ୍ୟବହାରିକ ପଦକ୍ଷେପ ମଧ୍ୟ ଗ୍ରହଣ କରିବାକୁ ପଡ଼ିବ ।

ତୁର୍କୀ କିମ୍ବା ଇସଲାମ୍ ବିରୁଦ୍ଧରେ ବିଦ୍ୱେଷ, ବୈରାଗ୍ୟର କାରଣ ବର୍ଣ୍ଣନା କରି ଆପଣ ର.ଅ କହିଲେ ଯେ, "ପୂର୍ବ ପିତୃପୁରଷଙ୍କ ଠାରେ ସେମାନଙ୍କ ହୃଦୟରେ ଅର୍ଥାତ୍ ଇସ୍‌ଲାମ୍ ବିରୋଧୀ ଲୋକମାନଙ୍କ ମନରେ ଇସ୍‌ଲାମ୍ ଧର୍ମ ସଂପର୍କରେ ଏପରି କୁଧାରଣା ସୃଷ୍ଟି ଓ ଆସନ୍ନିତ କରି ଦିଆଯାଇଛି ଯେ, ସେହି ବିରୋଧୀମାନେ ଇସଲାମ୍ ଧର୍ମକୁ ଏକ ସାଧାରଣ ଧର୍ମ ରୂପେ ବିଚାର କରୁ ନାହାନ୍ତି ବରଂ ଏପରି ଏକ ଶିକ୍ଷା ରୂପେ ବିଚାର କରୁଛନ୍ତି ଯାହା ମନୁଷ୍ୟକୁ ମାନବତା ଠାରୁ କାଢି (ବାହାର କରି ଓ ଦୂରେଇ ଦେଇ) କେବଳ ଜନ୍ତୁ କରିଦିଏ ନାହିଁ ବରଂ ନୃଶଂସ ଏବଂ ହିଂସ୍ର ଜନ୍ତୁ ମଧ୍ୟ କରି ଦେଇଥାଏ...ଇସଲାମ୍ ଧର୍ମ ବ୍ୟତୀତ ସେହି ବିରୋଧୀମାନେ ଅନ୍ୟ କୌଣସି ଧର୍ମକୁ ଭୟ କରୁ ନାହାନ୍ତି.......ବରଂ ସେମାନେ ଇସଲାମ୍ ଧର୍ମକୁ ଘୃଣା ବୋଲି ମନେ କରିଥାଆନ୍ତି । କିନ୍ତୁ ଇସ୍‌ଲାମ୍ ଧର୍ମକୁ ସେମାନେ ଭୟ କରନ୍ତି । ଅର୍ଥାତ୍ ଇସଲାମ୍ ବିବୋରଧୀ ଯେଉଁ ଲୋକମାନେ ରହିଛନ୍ତି ସେମାନେ ଇସ୍‌ଲାମ୍ ଧର୍ମର ଉନ୍ନତିକୁ ଏବଂ ସଭ୍ୟତା ତଥା ଶିଷ୍ଟାଚାର ମାର୍ଗରେ ବାଧା ରୂପେ ମନେ କରନ୍ତି ନାହିଁ। ବରଂ ସ୍ୱୟଂ ମାନବ ଜାତି ନମନ୍ତେ ଇସଲାମ୍ ଧର୍ମକୁ ପ୍ରାଣଘାତକ ରୂପେ ବିଶ୍ୱାସ କରନ୍ତି ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଜିକାଲି ତ' ଏହା ଉପରେ ପୂର୍ବରୁ ହିଁ ଅଧିକ ଗୁରୁଦ୍ୱାରୋପ କରାଯାଉଛି । ପ୍ରତ୍ୟେକ ସ୍ଥାନ, ପ୍ରତ୍ୟେକ ରାଷ୍ଟ୍ରରେ ଯେଉଁ ରାଇଟ୍ ୱିଙ୍ଗ୍ (Right Wing) ରହିଛନ୍ତି କିମ୍ବା ଅନ୍ୟାନ୍ୟ ସଂଗଠନମାନେ ରହିଛନ୍ତି ସେମାନେ ଇସଲାମ୍ ଧର୍ମ ବିରୁଦ୍ଧରେ ବୃହତ୍ ଅଭିଯାନ ଚଳାଉଛନ୍ତି । ଉକ୍ତ ପରିସ୍ଥିତି ପରିବର୍ତ୍ତନ ନିମନ୍ତେ ଏହି ମାର୍ଗଦର୍ଶନ ଆପଣ ର.ଅ ପ୍ରଦାନ କରିଛନ୍ତି ଯେ, "ମୁସଲମାନମାନେ ନିଜର ଦୋଷଦୁର୍ବଳତା ଠାରୁ କ୍ଷମା ମାର୍ଜନା କରି ଈଶ୍ୱରଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରନ୍ତୁ ଏବଂ ସ୍ୱୟଂ ଇସଲାମ୍ ଧର୍ମକୁ ସ୍ୱୀକାର କରନ୍ତୁ । ଇସଲାମ୍ ଧର୍ମର ବାସ୍ତବତା ସହିତ ନିଜେ ଅବଗତ ହୁଅନ୍ତୁ ଓ ଅନ୍ୟମାନଙ୍କୁ ମଧ୍ୟ ଅବଗତ କରାନ୍ତୁ ।

**(ଅବଶିଷ୍ଟାଂଶ............ପରବର୍ତ୍ତୀ ସଂଖ୍ୟାରେ)**

## ପୃ-10ରେ ବର୍ଣ୍ଣିତ ଖୁତବା ଜୁମାର ଅବଶିଷ୍ଟାଂଶ....

ହେଉଥିଲେ କି ତାଙ୍କୁ ହୃଦଘାତ୍ ହେଲା ଏବଂ ହୃଦଘାତରେ ଆପଣଙ୍କ ବିୟୋଗ ହୋଇଗଲା । ଅନ୍‌ସାରୁଲ୍ଲାଃର ସଭାପତି ଡାକ୍ତର ସୁଲତାନ୍ ସାହେବ କୁହନ୍ତି: "ସ୍ୱର୍ଗତ ତାରିକ୍ ସାହେବ ଗୋଷ୍ଠୀ, ସଂପ୍ରଦାୟ ଏବଂ ଖିଲାଫତ ପାଇଁ ଅତି ବିଶ୍ୱସ୍ତ ଅସ୍ତିତ୍ୱଟିଏ ଥିଲେ। ଆପଣ ନିଜର ୱକ୍‌ଫକୁ ପୂର୍ଣ୍ଣ ବିଶ୍ୱସ୍ତତାର ସହିତ ନିର୍ବାହ କରିଥିଲେ । ଆପଣ ଧର୍ମ ସେବା ନିମନ୍ତେ ସର୍ବଦା ନିମଜ୍ଜିତ ଓ ବ୍ୟସ୍ତ ରହିବାରେ ନିଜକୁ ପ୍ରସନ୍ନ ଓ ଆନନ୍ଦିତ ବୋଲି ଅନୁଭବ କରୁଥିଲେ । ଆପଣ ଦାୟିତ୍ୱକୁ ସମ୍ପାଦନ କରିବାରେ ଆଶ୍ୱସ୍ତ ଅନୁଭବ କରୁଥିଲେ । କେହି ଜଣେ ବ୍ୟକ୍ତି ସ୍ୱର୍ଗତ ତାରିକ ସାହେବଙ୍କୁ କହିଲା, ତାରିକ୍ ସାହେବ ! ଆପଣ ଲୋକମାନଙ୍କର କାମ କରୁଛନ୍ତି ତେଣୁ ଆପଣ ଲୋକମାନଙ୍କ ଠାରୁ ପାଉଣା ଏବଂ ପାରିଶ୍ରମିକ ନେଉ ନାହାନ୍ତି ? ଆପଣ ଏତେଗୁଡ଼ା ସଫ୍ଟୱେୟାର୍ ତିଆରି କରୁଛନ୍ତି, ଏତେ ପରିଶ୍ରମ କରୁଛନ୍ତି ତେଣୁ ଆପଣ ଲୋକମାନଙ୍କ ଠାରୁ ପାରିଶ୍ରମିକ ନିଅନ୍ତୁ । ପ୍ରତ୍ୟୁତ୍ତରରେ ଆପଣ କହିବାକୁ ଲାଗିଲେ, ମହୋଦୟ ! ମୁଁ ୱାକଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ) ଜୀବନ ଅଟେ ଏବଂ ଅଲ୍ଲାଃତାଲାଙ୍କ ଠାରୁ ମୋତେ ମୋର ପାରିଶ୍ରମିକ ମିଳିବ । ଆପଣ ଆଶାତିତ ଭାବରେ ୱକ୍‌ଫକୁ ସମ୍ପାଦନ କଲେ। ଯେପରିକି ମୁଁ କହିଲି କି ଆପଣଙ୍କୁ ୱକ୍‌ଫ୍‌ର କଲ୍ୟାଣ ଉପରେ ପୂର୍ଣ୍ଣ ରୂପେ ବିଶ୍ୱାସ ଥିଲା । ଆପଣ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଜମାଅତ୍‌ର ସେବା କରିବାର ଅଙ୍ଗୀକାର କରିଥିଲେ । ଉକ୍ତ ଅଙ୍ଗୀକାରକୁ ଆପଣ ସାକାର ଏବଂ ଚରିତାର୍ଥ ମଧ୍ୟ କଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ ଏବଂ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ । **ଆମିନ୍** ।"

**(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 01 ଫେବୃଆରୀ 2025 ମସିହା, ପୃ-2-6)**

☆ ☆ ☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan